ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.257, Bhubaneswar Sunday, November 24, 2019 | ୨୨ତମ ବର୍ଷ ସଂଖ୍ୟା-୨୫୭ ଭୁବନେଶ୍ୱର ରବିବାର, ନଭେମ୍ବର ୨୪, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ଲାଟିନମ୍ ଜୁବଲିର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୨୩।୧୧(ପି.ଏନ): ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବଲି ଉତ୍ସବ କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ୬ଟି ସେଂଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା କରିବାପାଇଁ ୧୦୦ କୋଟି ଟଙ୍କା ଦିଆଯାଇଛି। ଚଳିତ ଶିକ୍ଷା ବର୍ଷରେ ଏହି ବିଶ୍ୱ ବିଦ୍ୟାଳୟ ୪୦ କୋଟି ଟଙ୍କା ଗ୍ରହଣ କରିଛନ୍ତି। ଏହା ବ୍ୟତୀତ ଏହାର ଭିତିଭୂମିର ବିକାଶ ପାଇଁ ସ୍ୱତନ୍ତ୍ର ଅର୍ଥ ମଂଜୁର କରାଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସମସ୍ତ ସ୍ତରରେ ପ୍ରାଥମିକତା ଦିଆଯାଇଛି। ଯୁବକ ମାନେ ହେଲେ ଦେଶର ସମ୍ଭାବନା । ଓଡିଆ ପିଲାମାନେ ସେମାନଙ୍କ ଶିକ୍ଷା , ଜ୍ଞାନ , ସୃଜନଶୀଳତା,ନବୋନ୍ମେଶ , ଦକ୍ଷତା ଓ ସାହସିକତା ବଳରେ ବିଶ୍ୱର ବିଭିନ୍ନ କୋଣରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିପାରିବେ। ବର୍ତମାନ ବିଶ୍ୱରେ ଓଡିଶା ବିଭିନ୍ନ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିପାରିଛି। ଏହି ଅଭିଯାନରେ ସାମିଲ ହୋଇ ସଫଳତା ହାସଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏହାସହ ମୁଖ୍ୟମନ୍ତ୍ରୀ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଉତ୍କଳ ବିଶ୍ୱ ବିଦ୍ୟାଳୟପ୍ରତିଷ୍ଠା ପାଇଁ ବିଶେଷ ଅବଦାନ ରହିଥିବା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି , ପଣ୍ଡିତ ନିଳକଣ୍ଠ ଦାସ , ପଣ୍ଡିତ ଗୋଦାବରିଶ ମିଶ୍ର ଙ୍କୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ମନେ ପକାଇଥିଲେ। ଓଡିଶାରେ ବୁଦ୍ଧିଜୀବୀ ସୃଷ୍ଟି କରିବାପାଇଁ ଏମାନେ ଏହି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡିଶାର .ବରପୁତ୍ର ମାନଙ୍କୁ ଶ୍ରଦ୍ଧାଂଜଳୀ ଜଣାଇଥିଲେ। ଅତୀତରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏହାର ଉତ୍କର୍ଷତା ପ୍ରଦର୍ଶନ କରିପାରିଥିଲା ଏବଂ ରାଜ୍ୟରେ ଶିକ୍ଷାର ଲକ୍ଷ୍ୟକୁ ପୂରଣ କରିପାରିଥିଲା। ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବଲି ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ କ୍ୟାମ୍ପସ୍ ମଧ୍ୟରେ ସେଂଟ୍ରାଲ ଇନଷ୍ଟ୍ରୁମେଂଟେସନ୍ ସେଂଟର ଓ ଡିଜିଟାଲ ଲାଇବ୍ରେରୀର ଉଦଘାଟନ କରିବା ବେଳେ ପାଚେରୀ ପ୍ରକଳ୍ପର ଭିତି ପସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷାମନ୍ତ୍ରୀ ଡ. ଅରୁଣ ସାହୁ , ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ବାକଚୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ରେଜିଷ୍ଟ୍ରାର ଦୟାନିଧି ନାୟକ , ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ ରାଉତ ଓ ପିଜି କାଉନସିଲ ଚେୟାରମ୍ୟାନ୍ ପ୍ରଫେସର ସବିତା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟପାଳମାନଙ୍କ ୫୦ତମ ବାର୍ଷିକ ସମ୍ମିଳନୀର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୧୧(ପି.ଏନ): ରାଜ୍ୟପାଳମାନଙ୍କ ୫୦ତମ ବାର୍ଷିକ ସମ୍ମିଳନୀ ଆଜି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଉଦଘାଟନୀ ଅଧିବେଶନ ସହ ଆରମ୍ଭ ହୋଇଯାଇଛି। ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ରାଜ୍ୟପାଳ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ଉପରାଜ୍ୟପାଳମାନେ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ପ୍ରଥମ ଥର ପାଇଁ କାର୍ଯ୍ୟଭାର ସମ୍ଭାଳିଥିବା ୧୭ ଜଣ ରାଜ୍ୟପାଳ ଓ ଉପରାଜ୍ୟପାଳ ସାମିଲ ଅଛନ୍ତି। ଏଥିସହିତ ସମ୍ମିଳନୀରେ ନବଗଠିତ କେନ୍ଦ୍ର ଶାସିତ ପ୍ରଦେଶ ଜମ୍ମୁ ଓ କଶ୍ମୀର ଏବଂ ଲଦାଖର ଉପରାଜ୍ୟପାଳ ମଧ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ ଓ ଜଳ ଶକ୍ତି ମନ୍ତ୍ରୀ ମଧ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଏହି ଅବସରରେ ଉଦବୋଧନ ଦେଇ ୧୯୪୯ ଠାରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀର ଦୀର୍ଘ ଇତିହାସ ଉପରେ ଆଲୋକପାତ କରିଥିଲେ। ଚଳିତ ଥର ୫୦ତମ ସଂସ୍କରଣ ଏହି ସମ୍ମିଳନୀର ବିଗତ ସଂସ୍କରଣର ଉପଲବ୍ଧି ଏବଂ ପରିଣାମର ମୂଲ୍ୟାଙ୍କନ କରିବା ଏବଂ ଭବିଷ୍ୟତ ରୂପରେଖ ପ୍ରସ୍ତୁତ କରିବା ଲାଗି ଏକ ଅଭିନବ ଅବସର ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ସହକାରୀ ଏବଂ ପ୍ରତିଦ୍ୱନ୍ଦ୍ୱୀ ସଂଘୀୟ ବ୍ୟବସ୍ଥାକୁ ସାକାର କରିବାରେ ରାଜ୍ୟପାଳ ପଦବୀର ବିଶେଷ ଭୂମିକା ରହିଛି। ଏହି ସମ୍ମିଳନୀ ରାଜ୍ୟପାଳ ଓ ଉପରାଜ୍ୟପାଳମାନଙ୍କ ପାଇଁ ବିଚାର ଆଦାନ-ପ୍ରଦାନ କରିବା, ପରସ୍ପରର ଅଭିଜ୍ଞତାରୁ ଶିକ୍ଷା ଲାଭ କରିବା ସହିତ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ସ୍ୱତନ୍ତ୍ର ତଥା ବିବିଧ ଆବଶ୍ୟକତା ଏବଂ ସେମାନଙ୍କ ଅନୁକୂଳ ସର୍ବୋତମ ଅନ୍ତର୍ଜାତୀୟ ପ୍ରଚଳନକୁ ଆପଣାଇବା ଲାଗି ସୁଯୋଗ ପ୍ରଦାନ କରିଥାଏ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏମାନଙ୍କ ପ୍ରଶାସନିକ ଢାଂଚା କାରଣରୁ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକ ବିକାଶ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରିପାରିବେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ୨୦୨୨ରେ ଦେଶ ନିଜ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ପାଳନ କରିବ ଏବଂ ୨୦୪୭ରେ ୧୦୦ ବର୍ଷ ପୂର୍ତ୍ତି ପାଳନ କରିବ। ଏପରି ସ୍ଥଳେ ପ୍ରଶାସନିକ କଳକୁ ଦେଶର ଲୋକମାନଙ୍କ ନିକଟତର କରିବା ଏବଂ ସେମାନଙ୍କୁ ସଠିକ ମାର୍ଗ ଦେଖାଇବାରେ ରାଜ୍ୟପାଳମାନଙ୍କ ଭୂମିକା ବହୁତ ଅଧିକ ଗୁରୁତ୍ୱପୂର୍ଣ୍ଣ। ଆମେ ଭାରତୀୟ ସମ୍ବିଧାନ ଲାଗୁ ହେବାର ୭୦ତମ ବର୍ଷପୂର୍ତ୍ତି ପାଳନ କରିବାକୁ ଯାଉଛୁ। ଏପରି ସ୍ଥିତି ରାଜ୍ୟପାଳ ଏବଂ ରାଜ୍ୟ ସରକାରଙ୍କୁ ମଧ ଭାରତୀୟ ସମ୍ବିଧାନର ବିଭିନ୍ନ ସେବା ଦିଗ, ବିଶେଷ କରି ନାଗରିକଙ୍କ କର୍ତବ୍ୟ ଏବଂ ଉତରଦାୟିତ୍ୱ ଦିଗରେ ମଧ କାମ କରିବା ଆବଶ୍ୟକ। ଏହାଦ୍ୱାରା ପ୍ରକୃତରେ ସମସ୍ତଙ୍କ ଭାଗିଦାରୀ ଆଧାରିତ ଶାସନ ପ୍ରତିଷ୍ଠା କରିବାରେ ସହାୟତା ମିଳିପାରିବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଚଳିତବର୍ଷ ଆମେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀର ୧୫୦ତମ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛୁ। ସେଥିପାଇଁ ରାଜ୍ୟପାଳ ଏବଂ ଉପରାଜ୍ୟପାଳ ଗାନ୍ଧୀବାଦୀ ବିଚାର ଏବଂ ଆଦର୍ଶର ପ୍ରାସଙ୍ଗିକତା ବିଷୟରେ କହିବା ଲାଗି ଏହି ଅବସରର ଲାଭ ଉଠାଇପାରିବେ। ଏହା ଆମ ସମ୍ବିଧାନର ଗୁରୁତ୍ୱପୂର୍ଣ୍ଣ ଆଧାର। ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ନିଜ ଭୂମିକାରେ ରାଜ୍ୟପାଳ ଆମ ଯୁବପିଢ଼ିଙ୍କ ମଧ୍ୟରେ ରାଷ୍ଟ୍ର ନିର୍ମାଣର ମୂଲ୍ୟବୋଧକୁ ବିକଶିତ କରିବା ଏବଂ ସେମାନଙ୍କୁ ଅଧିକରୁ ଅଧିକ ଉପଲବ୍ଧି ଦିଗରେ ଅନୁପ୍ରାଣିତ କରିବାରେ ସହାୟତା ମଧ କରିପାରିବେ। ପ୍ରଧାନମନ୍ତ୍ରୀ ନିଜ ଉଦବୋଧନ ଶେଷରେ ରାଜ୍ୟପାଳ ଓ ଉପରାଜ୍ୟପାଳମାନଙ୍କୁ ଅନୁରୋଧ କରିଥିଲେ ଯେ ସେମାନେ ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବା ସମୟରେ ସାଧାରଣ ଜନତାଙ୍କ ଆବଶ୍ୟକତା ପ୍ରତି ଦୃଷ୍ଟି ଦିଅନ୍ତୁ। ପ୍ରଧାନମନ୍ତ୍ରୀ ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ ଯେ ସେ ଅନୁସୂଚିତ ଜନଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ, ମହିଳା ଓ ଯୁବପିଢ଼ିଙ୍କ ସହିତ ଦୁର୍ବଳ ଶ୍ରେଣୀର ଲୋକଙ୍କ କଲ୍ୟାଣ ଦିଗରେ କାର୍ଯ୍ୟ କରନ୍ତୁ। ସେଥିପାଇଁ ସେମାନେ ରାଜ୍ୟ ସରକାରଙ୍କ ସହିତ ମିଶି କାମ କରିବା ବ୍ୟତୀତ ବର୍ତମାନର ଯୋଜନା ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ଉପରେ ଧ୍ୟାନ ଦେଇପାରିବେ। ଅଧିକ ନିଯୁକ୍ତି ସୁଯୋଗ ଏବଂ ଗରିବ ଓ ଦଳିତଙ୍କ କଲ୍ୟାଣ ପାଇଁ ନୂତନ ଅବସର ଥିବା କ୍ଷେତ୍ର ଯଥା ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ପର୍ଯ୍ୟଟନ କ୍ଷେତ୍ର ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ରାଜ୍ୟପାଳଙ୍କ କାର୍ଯ୍ୟାଳୟର ଉପଯୋଗ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯେପରିକି ଯକ୍ଷ୍ମା ବିଷୟରେ ସଚେତନତା ସୃଷ୍ଟି ଏବଂ ୨୦୨୫ ସୁଦ୍ଧା ଭାରତକୁ ଏହି ରୋଗରୁ ମୁକ୍ତ କରିବା ଦିଗରେ କରାଯିବା ଉଚିତ। ଚଳିତ ବର୍ଷର ସମ୍ମିଳନୀରେ ଆଦିବାସୀ ପ୍ରସଙ୍ଗ, କୃଷି କ୍ଷେତ୍ରରେ ସୁଧାର, ଜଳଜୀବନ ମିଶନ, ନୂତନ ଶିକ୍ଷା ନୀତି ଏବଂ ଜୀବନଧାରଣ ସୁଗମତା ପାଇଁ ପ୍ରଶାସନ ଭଳି ପ୍ରସଙ୍ଗ ଏବଂ ସମସ୍ୟା ଆଦି ପାଂଚଟି ଉପ ସମୂହରେ ବ୍ୟାପକ ଆଲୋଚନା ହେବ। ଏହାର ରିପୋର୍ଟ ପରେ ସମସ୍ତ ଅଂଶଗ୍ରହଣକାରୀ ରାଜ୍ୟପାଳ ଓ ଉପରାଜ୍ୟପାଳଙ୍କ ଦ୍ୱାରା ବଡ଼ ଫର୍ମାଟରେ ଆଲୋଚନା କରାଯିବ, ଏହାକୁ ନେଇ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ।

## ମାଲକାନଗିରିରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ୧୨ କୋଟି ଟଙ୍କାର ଗଞ୍ଜେଇ ଫସଲ ନଷ୍ଟ

ମାଲକାନଗିରି, ୨୩।୧୧(ପି.ଏନ): ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅଂଚଳରେ ବେଆଇନ ଭାବେ ଚଷ କରାଯାଇଥିବା ଗଞ୍ଜେଇ ଫସଲକୁ ଶନିବାର ମାଥିଲି ପୋଲିସ, ମାଲକାନଗିରି, ଜୟପୁର, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା ଅବକାରୀ ବିଭାଗ ମିଳିତ ଭାବେ ନଷ୍ଟ କରିଛନ୍ତି।

ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ ମାଓ ପ୍ରବଣ ଅଂଚଳ ଭାବେ ବେଶ ପରିଚିତ ବାହାଦୂର ଗୁଡା, ତାଳଗୁଡା, ନୂନଖରି ଓ କାନ୍ଦଗୁଡା ଗ୍ରାମରେ ଅବକାରୀ ଓ ପୋଲିସ ବିଭାଗ କର୍ମଚାରୀ ଅତ୍ୟାଧୁନିକ ଯନ୍ତ୍ରପାତି ସହାୟତାରେ ୭୨ ଏକର ଜଙ୍ଗଲ ଜମିରେ ଚଷ କରାଯାଇଥିବା ବେଆଇନ ୧ଲକ୍ଷ ୧୫ ହଜାର ୨୦୦ ଗଞ୍ଜେଇ ଗଛକୁ କାଟି ପୋଡି ଦେଇଛନ୍ତି। ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୨କୋଟି ଟଙ୍କା ହେବ ବୋଲି ଜଣାପଡିଛି । ବିଶେଷ କରି ବର୍ତମାନ ଗଞ୍ଜେଇ ଅମଳର ସମୟ ପାଖକୁ ଅସିଥିବାରୁ ଆଗାମୀ ଦିନରେ ମଧ ମାଲକାନଗିରି ଜିଲ୍ଲାପାଳ ମନିଷ ଅଗ୍ରୱାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ମାଲକାନଗିରି ଅବକାରୀ ଅଧିକ୍ଷକ ଅଶୋକ ଶେଠଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଅଂଚଳରେ ଏପରି ଚଢାଉ କରାଯିବ।

## ଦାବି ପୂରଣ ନହେଲେ ନବୀନ ନିବାସ ସାମ୍ନାରେ ଆତ୍ମାହୂତି ଦେବେ ଓଇସି ଅଧ୍ୟାପକ ଓ କର୍ମଚାରୀ

ଭୁବନେଶ୍ୱର, ୨୩।୧୧(ପି.ଏନ): ଓଡ଼ିଶା ଇଞ୍ଜିନିୟରିଂ କଲେଜର କର୍ମଚାରୀଙ୍କ ଦାବି ପୂରଣ ନହେଲେ ସେମାନେ ଆସନ୍ତା ନଭେମ୍ବର ୨୫ତାରିଖ ସକାଳ ୧୦ଟାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଆତ୍ମାହୂତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଣୁ ସରକାର ତୁରନ୍ତ ପଦକ୍ଷେପ ନେଇ ସମସ୍ୟା ସମାଧାନ କରନ୍ତୁ ବୋଲି ଓଡ଼ିଶା ଇଞ୍ଜିନିୟରିଂ କଲେଜ ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ କୁହାଯାଇଛି। ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଓଡ଼ିଶାର ସର୍ବପୁରାତନ ସୁନାମ ଅର୍ଜିତ ଏହି କଲେଜର ପରିଚାଳନା କମିଟି ଅର୍ଥ ତୋଷାରପାତ ଯୋଗୁଁ କଲେଜ ଏବେ ବନ୍ଦ ହେବାକୁ ବସିଲାଣି। ଏଠାରେ ୪ଶହ କୋଟି ଟଙ୍କାର ଘୋଟାଲା ହୋଇଥିବା ଯୋଗୁଁ କ୍ରାଇମ୍ ବ୍ରାଂଚତଦନ୍ତ କରୁ। ଦୀର୍ଘବର୍ଷ ହେଲା ୩୫୦ରୁ ଉର୍ଦ୍ଧ ଅଧ୍ୟାପକ ଓ କର୍ମଚାରୀ କାମ କରୁଛନ୍ତି। ଏଣୁ ଏହାକୁ ତଦନ୍ତ କରିବା ସହ ସରକାର ହାତକୁ ନେବା, ନିୟମିତ ଦରମା ଦେବା, ଅବସର କାଳୀନ ସୁବିଧା ତୁରନ୍ତ ଯୋଗାଇବା, ଇପିଏଫ୍ ଓ ଇଏସ୍ଆଇ ବର୍ଷକର ଡିପୋଜିଟ୍ ହେବା, ଚାକିରୀ ଯେଉଁମାନେ ଛାଡୁଛନ୍ତି ଦରମା ଓ ଗ୍ରାଚୁଉଟି ତୁରନ୍ତ ପ୍ରଦାନ କରିବା, ବିନା କାରଣରେ ନିଲମ୍ବନ ବନ୍ଦ କରିବା ଦାବି କରାଯାଇଛି ।ବିଧାୟକ ସୁରେଶ ରାଉତରାୟଙ୍କ ବାସଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ୟୁନିୟନ ପକ୍ଷରୁ କୁହାଯାଇଛି ଚଳିତ ବର୍ଷ ଛାତ୍ରଛାତ୍ରୀଙ୍କ ଆଡ୍‌ମିଶନ ବନ୍ଦ କରି କଲେଜ କାଉନସିଲକୁ କର୍ମଚାରୀ ନପଠାଇ କଲେଜ ବନ୍ଦ କରିବା ପାଇଁ ଚକ୍ରାନ୍ତ କରାଯାଉଛି। ଯାହା ଫଳରେ ୩୫୦ପରିବାର ନିଜର ଜୀବିକା ହରାଇବାକୁ ବସିଲେଣି।

## ବନ୍ଧୁକ ଛାଡି ଝାଡୁ ଧରିଲେ ମହିଳା ମାଓବାଦୀ

ମାଲକାନଗିରି ,୨୩।୧୧(ପି.ଏନ): ଯେଉଁ ହାତରେ ବନ୍ଧୁକ ଧରି ଦିନେ ଲାଲଗଡରେ ଆତଙ୍କ ସୃଷ୍ଟି କରୁଥିଲେ ଆଜି ସେଇ ହାତରେ ଝାଡୁ ଓ ପୋଛା ଧରି ସଫେଇ କରୁଛନ୍ତି ଆତ୍ମସମର୍ପଣ କରିଥିବା ମାଓବାଦୀ । ଦୀର୍ଘ ୧୦ ବର୍ଷ ମାଓ ସଂଗଠନରେ ରହିବା ପରେ ୨୦୧୭ରେ ପୋଲିସ ନିକଟରେ ଆତ୍ମସମର୍ପଣ କରି ଏମାନେ ମୁଖ୍ୟସ୍ରୋତକୁ ଫେରିଛନ୍ତି। ମାଲକାନଗିରି ମେଡିକାଲରେ ନଭେମ୍ବର ୧ ତାରିଖରୁ ସଫେଇ କର୍ମଚାରୀ ଭାବେ ଏମାନଙ୍କୁ ନିଯୁକ୍ତି ମିଳିଛି । ଆତ୍ମସମର୍ପଣ କରିଥିବା ଏହି ମହିଳା ମାଓବାଦୀଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବା ପରେ ମାସକୁ ୫ ହଜାର ଟଙ୍କାରେ ସଫେଇ କାମରେ ନିୟୋଜିତ କରିଛି ଜିଲ୍ଲା ପ୍ରଶାସନ। ଖାଲି ଏହି ମହିଳାମାନେ ନୁହଁନ୍ତି ଏମାନଙ୍କ ଛଡା ଆତ୍ମସମର୍ପଣ କରିଥିବା ଅନେକଙ୍କୁ ସେମାନଙ୍କ ଦକ୍ଷତା ଅନୁସାରେ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଇ କାମରେ ଲଗାଯାଇଛି ।ଆତ୍ମସମର୍ପଣ କରିଥିବା ପୁରୁଷ ମାଓବାଦୀଙ୍କୁ ୧୫ ଦିନିଆ ସିକ୍ୟୁରିଟି ଗାର୍ଡର ଟ୍ରେନିଂ ଦିଆଯାଇଛି । ଏହାସହ ଆଗକୁ ଏପରି ଆତ୍ମସମର୍ପଣ କରିଥିବା ଅନେକ ମାଓବାଦୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେପଟେ ଜିଲ୍ଲା ପ୍ରଶାସନର ଏହି କାର୍ଯ୍ୟକୁ ସ୍ୱାଗତ କରିବା ସହ ଏପରି କାର୍ଯ୍ୟ ଜାରି ରହିଲେ ମାଲକାନଗିରିରୁ ମାଓବାଦୀ ଲୋପ ପାଇବେ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

## ଲକ୍ଷାଧିକ ଟଙ୍କାର ଚୋରା କାଠ ବୋଝେଇ ଟ୍ରକକୁ ଧରିଲେ ଗ୍ରାମବାସୀ : ଡ୍ରାଇଭର ଓ ହେଲପର ଫେରାର

ବାରିପଦା, ୨୩।୧୧(ପି.ଏନ): ଜଙ୍ଗଲ ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିସହିତ ଜଙ୍ଗଲ ସୁରକ୍ଷା କମିଟି ମଧ ଗଠନ କରିଛନ୍ତି। ଜଙ୍ଗଲରୁ ଗଛକଟାକୁ ନେଇ ବନବିଭାଗ ଜଙ୍ଗଲ ସୁରକ୍ଷା କମିଟି ମୁଣ୍ଡରେ ଦୋଷ ଲଦି ଅଧିକାଂଶ ସମୟରେ ଖସି ଯାଉଥିବା ଦେଖାଯାଉଛି। ଏଭଳି ଘଟଣା ଆଜି ବେତନଟୀ ରେଞ୍ଜ ଅଧିନ ଚକୁଳିଆ ଗ୍ରାମ ଜଙ୍ଗଲରୁ ଦଶ ଚକିୟା ଟ୍ରକରେ ପଟାଶ ଗଛ ଚୋରା ଚାଲାଣ ହେଉଥିବା ବେଳେ ଗ୍ରାମବାସୀମାନେ ଟ୍ରକକୁ ଅଟକ ରଖି ବେତନଟୀ ବନବିଭାଗକୁ ଖବର ଦେଇଛନ୍ତି। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଛନ୍ତି। ଦୀର୍ଘଦିନ ହେବ ଲଗାତାର ଚକୁଳିଆ ଗ୍ରାମ ଜଙ୍ଗଲରୁ ଆକାଶି, ମହୁଲ, ପଟାଶ ଗଛ ଚୋରି ହେଇ ଚାଲିଥିଲା। ବେତନଟୀର ଏହି ଚକୁଳିଆ ଗ୍ରାମରେ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ଦିନବେଳେ କାମ କରି ଥକ୍କାହୋଇ ଘରକୁ ଫେରି ସନ୍ଧ୍ୟା ହେଲେ ଖିଆପିଆ ଶେଷ କରି ଶୀଘ୍ର ଶୋଇପଡ଼ନ୍ତି। ଏହାର ସୁଯୋଗ ନେଇ କିଛି ମାଫିଆ ରାତିରେ ମେସିନ ଦ୍ୱାରା ଗଛ କାଟି ପଡ଼ୋଶୀ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରିଥାନ୍ତି ବୋଲି କହିଛନ୍ତି ଗ୍ରାମବାସୀମାନେ। ଚକୁଳିଆ ଜଙ୍ଗଲ ସୁରକ୍ଷା କମିଟି ଦିନବେଳେ ନଜର ରଖିଥାନ୍ତି ଜଙ୍ଗଲ ଉପରେ। ଜଙ୍ଗଲରୁ କୌଣସି ବ୍ୟକ୍ତି ଗଛ ଯାଇଲେ ପ୍ରଥମେ ତା’ ନିକଟରୁ ୫୦୦ ଟଙ୍କା ଜୋରିମାନା ଆଦାୟ କରାଯିବା ପରେ ଗ୍ରାମ କମିଟି ବସି ବିଚାର କରିଥାନ୍ତି। କିନ୍ତୁ ମାଫିଆମାନେ ମେସିନ କରତ ବ୍ୟବହାର କରି ରାତି ଓ ଦିନରେ ସୁବିଧା ଦେଖି ଗଛକାଟି ବାହାରକୁ ଚୋରା ଚାଲାଣ କରିଥାନ୍ତି। କିଛି ଅସାଧୁ ବନ କର୍ମଚାରୀଙ୍କ ପାଇଁ ଏହା ସମ୍ଭବ ହେଉଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀମାନେ। ପୂର୍ବରୁ କାଠ ମାଫିଆ ଜଙ୍ଗଲରେ ଗଛକାଟି ଚୋରା ଚାଲାଣ କରୁଥିବା ବିଷୟକୁ ନେଇ ଗ୍ରାମବାସୀମାନେ ବନବିଭାଗକୁ ଜଣାଇଥିଲେ। କିନ୍ତୁ ବନବିଭାଗ ଜଙ୍ଗଲ ସୁରକ୍ଷା ଦାୟିତ୍ୱ କମିଟିର ବୋଲି କହି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଥାନ୍ତି। ଏହାର ସୁଯୋଗ ନେଇ ମାଫିଆମାନେ ବେଧଡକ ମୂଲ୍ୟବାନ ଗଛ କାଟି ଚାଲାଣ କରୁଛନ୍ତି ବୋଲି ଚକୁଳିଆ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ତେବେ ଆଜି ପୂର୍ବାହ୍ନରେ ଜଙ୍ଗଲ ଭିତରୁ ଏକ କାଠ ବୋଝେଇ ଟ୍ରକ ବାହାରିବା ଦେଖି ଗ୍ରାମବାସୀମାନେ ଟ୍ରକକୁ ଅଟକାଇଥିଲେ। ଏହି ସମୟରେ ଟ୍ରକର ଡ୍ରାଇଭର ଓ ହେଲପର କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଉକ୍ତ ଟ୍ରକରେ ମୂଲ୍ୟବାନ ପଟାଶ ଗଛ ଗଣ୍ଡି ରହିଥିବାର ଦେଖି ବନବିଭାଗ ଓ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ବନବିଭାଗ ପହଂଚି ଟ୍ରକ ଓ କାଠକୁ ଜବତ କରିଛି। କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି। କିନ୍ତୁ ବେତନଟୀ ବନବିଭାଗର ଉପବନାଂଚଳ ଅଧିକାରୀ ରାଜେଶ କୁମାର ମହାକୁଡ଼ ଜବତ କାଠର ଆନୁମାନିକ ୫୦ରୁ ୬୦ ହଜାର ଟଙ୍କା ହେବ ଏବଂ କାଠ ଚୋରାଚାଲାଣ ପଛରେ ଯିଏ ବି ଥିବ ତଦନ୍ତ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ପ୍ରକାଶ କରିଥିଲେ। ଏହାପରେ ଜଙ୍ଗଲ ଭିତରକୁ ଯିବାପରେ ଅନେକ ଗୁଡ଼ିଏ ମୋଟା ଗଛ କଟାଯାଇ ପଡ଼ିଥିବା ଦେଖିବାକୁ ମିଳିଥିଲା।


## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ନଦିୟାଚାନ୍ଦ କାନୁନ୍‌ଗୋ

ସ୍ଥାନ:ଜିଏ ପ୍ଲଟ-୪୭୯, ଶୈଳଶ୍ରୀବିହାର, ଭୁବନେଶ୍ୱର

ଆବିର୍ଭାବ : ୧୯୩୮

ତିରୋଧାନ : ୧୪.୧୧.୨୦୧୯

ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ ।
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ପାଥେୟ ହେଉ ।
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ : ପୁତ୍ର-ବାବୁ, ଶିବୁ, କୁଲୁ,ମିଲୁ, ସବ୍ୟସାଚୀ
ପୁତ୍ରବଧୂ-ରୁବି, କଲ୍ୟାଣୀ, ମିନା ଝିଅ-ବବି, ରୁବି
ଜ୍ୱାଇଁ- ହରପ୍ରସନ୍ନ, ଆଦିତ୍ୟ, ନାତିନାତୁଣୀ-ବାବା, ବର୍ଷା, ତପସ୍ୟା, ଲାଲି
ଓ ପରିବାରବର୍ଗ, ବନ୍ଧୁ, ଆତ୍ମୀୟସ୍ୱଜନ








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ, ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।




# ଆତ୍ମହତ୍ୟାରେ ଭାରତର ରେକର୍ଡ଼



ଚଳିତ ସପ୍ତାହର ଏକ ଅଭାବନୀୟ ବଡ଼ ଖବର ହେଉଛି ଭୁବନେଶ୍ୱର ବାଣିବିହାର ପରିସରସ୍ଥିତ ସୁଉଚ୍ଚ ପାଣି ଟାଙ୍କି ଉପରେ ଜଣେ ଉଦ୍‌ଭ୍ରାନ୍ତ ଓ ମାନସିକ ଭାବେ ରୁଗ୍‌ଣ ଯୁବକର ଆତ୍ମହତ୍ୟା ଉଦ୍ୟମ। ଏହି ସମୟରେ ମନେପଡୁଛି ଭାରତରେ ଇତିହାସ ସୃଷ୍ଟି କରିଥିବା ସ୍ମରଣୀୟ 'ସୋଲେ' ଚଳଚ୍ଚିତ୍ରର ବିରୁ ଭୂମିକାରେ ଅଭିନୟ କରିଥିବା ଧର୍ମେନ୍ଦ୍ରଙ୍କର ସେହିପରି ଏକ ପାଣି ଟାଙ୍କି ଉପରେ ନିଜ ବିବାହ ପାଇଁ ଜିଦ୍ କରି ଆତ୍ମହତ୍ୟା ଉଦ୍ୟମର ରଙ୍ଗଢ଼ଙ୍ଗ। ଯଦିଓ ତାଙ୍କ ନାୟିକା 'ବାସନ୍ତୀ' ପରିଶେଷରେ ବିରୁର ବିବାହ ପ୍ରସ୍ତାବକୁ ରାଜି ହୋଇଥିଲେ। ତେବେ ଆଜି ସମୟରେ ଏହି ଉଦ୍‌ଭ୍ରାନ୍ତ ଯୁବକର କାରନାମାର ଘଟଣା ପଛର କାହାଣୀ ହୁଏତ ଆଉ କିଛି ହୋଇପାରେ କିନ୍ତୁ ଏହା ନିଃସନ୍ଦେହ ବର୍ତ୍ତମାନର ସମାଜରେ ଏପରି ଅନେକ ମାନସିକ ବିକୃତ ଯୁବକ/ଯୁବତୀ ରହିଛନ୍ତି। ପୃଥିବୀର ଯେକୌଣସି ଅନ୍ୟ ଦେଶ ଅପେକ୍ଷା ଭାରତରେ ଅଧିକ ଆତ୍ମହତ୍ୟା ହେଉଛି। ଉଦ୍‌ବେଗର ବିଷୟ ଯେ ଗତ କିଛିବର୍ଷ ଭିତରେ ଏହାର ହାର ବଢ଼ି ଚାଲିଛି। ଏହାର ସଂଖ୍ୟା ଉଭୟ ପୂର୍ଣ୍ଣ ତଥା ଆପେକ୍ଷିକ ଦୃଷ୍ଟିକୋଣରୁ ଅଧିକ। ଲାନସେଟିଂ ପତ୍ରିକାରେ ପ୍ରକାଶିତ ଏକ ଅନୁଧ୍ୟାନ ଅନୁସାରେ ଭାରତରେ ବିଶ୍ୱ ଜନସଂଖ୍ୟାର ୧୮ ପ୍ରତିଶତ ଲୋକ ରହୁଥିବା ବେଳେ ପୃଥିବୀରେ ମହିଳା ଆତ୍ମହତ୍ୟାର ୩୭ ପ୍ରତିଶତ ଓ ପୁରୁଷ ମାନଙ୍କ ମଧ୍ୟରେ ହେଉଥିବା ଆତ୍ମହତ୍ୟାର ୨୪ ପ୍ରତିଶତ ଏ ଦେଶରେ ଘଟୁଛି। ଅର୍ଥାତ୍ ପୃଥିବୀରେ ଆତ୍ମହତ୍ୟା କରୁଥିବା ପ୍ରତି ୩ଜଣ ମହିଳାଙ୍କ ମଧ୍ୟରୁ ଜଣେ ଓ ପ୍ରତି ୪ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ହେଲେ ଭାରତୀୟ। ଏହି ଅନୁଧ୍ୟାନରେ ଭାରତ ସରକାର ଓ ଦେଶର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ତଥା ଚିକିତ୍ସା ଅନୁଷ୍ଠାନଗୁଡ଼ିକ ସାମିଲ ଥିଲେ। ଏ ଦୃଷ୍ଟିରୁ ପ୍ରକାଶିତ ତଥ୍ୟକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଫଳାଫଳରୁ ଦେଖାଯାଉଛି ଯେ ପୁରୁଷଙ୍କ ଆତ୍ମହତ୍ୟା ହାର ଉଚ୍ଚ ଥିବାବେଳେ ତାହାଠାରୁ ଅଧିକ ହେଲା ମହିଳା ଆତ୍ମହତ୍ୟା ହାର। ଆତ୍ମହତ୍ୟା ଏକ ମନସ୍ତାତ୍ତ୍ୱିକ ତଥା ସମାଜ ବିଜ୍ଞାନ ସମ୍ପର୍କିତ ପ୍ରସଙ୍ଗ। ଏହା ଏକ ସ୍ୱାସ୍ଥ୍ୟଗତ ଚ୍ୟାଲେଞ୍ଜ। ଏହି ସମସ୍ୟାରେ ଲିଙ୍ଗଗତ ତାରତମ୍ୟକୁ ଦେଖିଲେ ଜଣାପଡୁଛି ଯେ ଭାରତୀୟ ମହିଳାଙ୍କ ମଧ୍ୟରେ ନିଜ ଜୀବନ ନେବାର ବିପଜ୍ଜନକ ଆକର୍ଷଣ ଅଧିକ। ଏହା ହୁଏତ ଲିଙ୍ଗଗତ ନ୍ୟୁନସ୍ଥିତ ଓ ମହିଳା ବିରୋଧୀ ପାତରଅନ୍ତର ସମସ୍ୟା ଯୋଗୁଁ ଉପୁଜୁଥାଇପାରେ। ବିକୃତିଯୁକ୍ତ ନିର୍ଯାତନା, ଘରୋଇ ହିଂସା, ଅର୍ଥନୈତିକ ସୁଯୋଗ ଓ ସ୍ୱାଧୀନତାର ଅଭାବ, ଚିକିତ୍ସା ସୁବିଧା ନମିଳିବା ବିଶେଷ ଭାବରେ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଚିକିତ୍ସା ଓ ପରାମର୍ଶର ଅଭାବ ଆଦି କାରଣ ମହିଳାଙ୍କ ପାଇଁ ଜୀବନକୁ ଅଧିକ ଦୁର୍ବିସହ କରୁଥାଇପାରେ। ଏପରିକି ମହିଳାଙ୍କର ଶିକ୍ଷା ଓ ଅର୍ଥନୈତିକ ସ୍ୱାଧୀନତାରେ ପ୍ରଗତି ସତ୍ତ୍ୱେ ସାମାଜିକ ଓ ପାରିବାରିକ ପକ୍ଷପାତିତା ତଥା ଅତ୍ୟାଚାର ଅବ୍ୟାହତ ରହୁଛି। ଏଣୁ ମହିଳାଙ୍କ ପାଇଁ ସବୁଶ୍ରେଣୀରେ ଜୀବନର ସ୍ଥିତି ଅସମାନ। ବିବାହିତା ମହିଳାଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବେଶୀ। କାରଣ ସେମାନେ ବୈବାହିକ ଜୀବନରେ ବେଶୀ ଅଶାନ୍ତି ଭୋଗୁଛନ୍ତି। ପୁରୁଷଙ୍କ ଅପେକ୍ଷା ସେମାନଙ୍କ ଲାଗି ବେଶୀ ପାରିବାରିକ ସମସ୍ୟା ରହୁଛି। ଦେଶରେ ୧୫ରୁ ୩୯ ବର୍ଷର ମହିଳାଙ୍କ ମଧ୍ୟରେ ଆତ୍ମହତ୍ୟା ଅଧିକ ସାଧାରଣ। ଅନ୍ୟ ବୟସ ଶ୍ରେଣୀ ଅପେକ୍ଷା ବିବାହିତ ଯୁବତୀଙ୍କ ମଧ୍ୟରେ ଆତ୍ମହତ୍ୟା ହାର ଅଧିକ। ବିଶ୍ୱରେ ୧୯୯୦ ଦଶକରେ ଯେତିକି ଆତ୍ମହତ୍ୟା ହେଉଥିଲା ସେଥିରେ ମହିଳାଙ୍କ ଅଂଶ ୨୫.୩ ପ୍ରତିଶତ ଥିଲା। ୨୦୧୬ରେ ତାହା ୩୬.୬ ପ୍ରତିଶତକୁ ବୃଦ୍ଧି ପାଇଛି। ତାର ଅର୍ଥ ସମଗ୍ର ପୃଥିବୀରେ ମହିଳା ଆତ୍ମହତ୍ୟା ବଢ଼ୁଛି। ଏହାର ଅନ୍ୟ ଏକ ଅର୍ଥ ଦେଖିବାକୁ ଗଲେ ଏହି ସମୟ ଭିତରେ ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହୋଇଥିବା ସତ୍ତ୍ୱେ ମହିଳାଙ୍କ ଦୁଃଖ ଓ ମୃତ୍ୟୁ ମଧ୍ୟ ବେଶୀ ହୋଇଛି। କୁହାଯାଇପାରେ ଯେ ଆର୍ଥିକ ପ୍ରଗତି ଯୋଗୁଁ ମହିଳାଙ୍କ ଉପରେ ଚାପ ବଢ଼ିଛି। ଏହି ସମୟ ଭିତରେ ପୁରୁଷ ପ୍ରଧାନ ଦୃଷ୍ଟିଭଙ୍ଗୀ କଠୋର ହେବା ସାଙ୍ଗକୁ ମହିଳାଙ୍କ ପ୍ରତି ନିର୍ଯାତନା ଅଧିକ ହୋଇଛି କି ? ୨୦୧୭ରେ ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ପ୍ରକାଶ ପାଇଛି ଯେ ଭାରତରେ କର୍ମଜୀବୀ ଶ୍ରେଣୀରେ ମହିଳାଙ୍କ ସମ୍ପୃକ୍ତି ଗତ କିଛି ବର୍ଷ ଭିତରେ କମି ଆସିଛି। ବିଶ୍ୱସ୍ତରରେ ଏ କ୍ଷେତ୍ରରେ ଯେଉଁ ୧୩୧ଟି ଦେଶକୁ ନେଇ ସୂଚୀ ପ୍ରସ୍ତୁତ କରାଯାଇଛି ସେଥିରେ ଭାରତର ସ୍ଥାନ ୧୨୦। ତାର ଅର୍ଥ ଭାରତରେ ମହିଳାଙ୍କ ପାଇଁ ଆର୍ଥିକ ସୁଯୋଗ ନିଯୁକ୍ତି ଆକାରରେ ସଂକୁଚିତ ହୋଇଯାଇଛି। ଯେତିକି ନିଯୁକ୍ତି ସୃଷ୍ଟି ହେଉଛି ତାର ବିଶେଷ ଭାଗ ପୁରୁଷଙ୍କ ପାଖକୁ ଯାଉଛି। ପରିବାର ବା ସମାଜର ସମର୍ଥନ ଥିବା ପାରମ୍ପରିକ ଢ଼ାଞ୍ଚା ମଧ୍ୟ ଅର୍ଥନୈତିକ ପ୍ରଗତିର ଧାରାରେ ଦୁର୍ବଳ ହୋଇଗଲାଣି। ତାହା ମହିଳାଙ୍କ ପାଇଁ ବେଶୀ କ୍ଷତିକାରକ। ଆଗରୁ ମହିଳାମାନେ ଘରୁ ଆପାତତଃ ସୁରକ୍ଷା ପାଉଥିଲେ। ସମୟ ବଦଳୁଥିଲେ ବି ସେମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେଇ ସେମାନଙ୍କ ପାଇଁ ଅର୍ଥନୈତିକ ସ୍ୱାଧୀନତାର ବ୍ୟବସ୍ଥା କରିବା ସହ ପରିବାର ବି ମହିଳାଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ଲୋଡ଼ା। ମହିଳା ଦୁର୍ବଳ ହୋଇଗଲେ ପରିବାର ତଥା ସମାଜର ସ୍ଥିତି ଖରାପ ହୋଇଯିବ।

**ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ୍, କଟକ, ଦୂରଭାଷ : ୯୧୩୨୪୩୩୩୩୩**

# ସ୍ୱଚ୍ଛ ଭାରତ ଅଭିଯାନ: ସ୍ୱଚ୍ଛତା ପାଇଁ ଏକ ପ୍ରୟାସ

ଭୁବନେଶ୍ୱର (ପିଆଇବି): ଦେଶର ପ୍ରତ୍ୟେକ ସ୍କୁଲରେ ଶୌଚାଳୟର ସୁବିଧା ଯୋଗାଇବା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ନିକଟରେ ୟୁଏନଆଇକୁ ଦେଇଥିବା ଏକ ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଦେଶରେ ସ୍ୱଚ୍ଛ ଭାରତ ମିଶନ ଆରମ୍ଭ ହୋଇଛି । ସ୍ୱାସ୍ଥ୍ୟ ଓ ଉପଯୁକ୍ତ ପରିମଳ ବ୍ୟବସ୍ଥାର ଅଭାବ ଯେପରି ଗରିବଲୋକମାନଙ୍କର କାର୍ଯ୍ୟ ଦକ୍ଷତାକୁ ପ୍ରଭାବିତ ନକରିବ ସେ ଦିଗରେ ଏଥିରେ ଧ୍ୟାନ ଦିଆଯିବ। ଦେଶର ସବୁ ବିଦ୍ୟାଳୟରେ ଶୌଚାଳୟର ବ୍ୟବସ୍ଥା କରାଯିବାର କାର୍ଯ୍ୟ ସରକାର ହାତକୁ ନେଇଛନ୍ତି ଏବଂ ଆଗାମୀ କିଛି ମାସରେ ଏହା ସାକାର ହେବ। ଯଦି ଦେଶର ପ୍ରତ୍ୟେକ ବ୍ୟକ୍ତି ସ୍ୱଚ୍ଛ ଭାରତ ଅଭିଯାନରେ ନିଜକୁ ସାମିଲ କରିବେ ତେବେ ଏହାର ପ୍ରଭାବ ସମାଜରେ ଦେଖାଯିବ ଏହା ମୋର ବିଶ୍ୱାସ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗତବର୍ଷ ଅକ୍ଟୋବର ୨ ତାରିଖ ଦିନ ପ୍ରଧାନମନ୍ତ୍ରୀ ରାଜପଥଠାରେ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିବା ପରେ ସ୍ୱଚ୍ଛତା ପ୍ରତି ଦେଶବ୍ୟାପୀ ଜନମତ ସୃଷ୍ଟି ହୋଇଛି। ଏବଂ ଅନେକ ଲୋକ ନିଜକୁ ଏହି ଅଭିଯାନରେ ସାମିଲ କରି ସାର୍ବଜନିକ ସ୍ଥାନ ଗୁଡ଼ିରେ ସଫେଇ ଅଭିଯାନ ଆରମ୍ଭ କରିବାର ଦେଖିବାକୁ ମିଳିଛି। ଏହି ମିଶନର ଲକ୍ଷ୍ୟ ହେଉଛି ୨୦୧୯ ସୁଦ୍ଧା ଦେଶର ପ୍ରାୟ ୪୦୪୧ଟି ପ୍ରମୁଖ ସହରକୁ ସ୍ୱଚ୍ଛ କରିବା ଏବଂ ଖୋଲାରେ ମଳତ୍ୟାଗକୁ ବନ୍ଦ କରିବା। ଏହି ଅଭିଯାନ ପାଇଁ ୬୨୦୦୯କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ଯୋଗଦାନ ରାଶି ହେଉଛି ୧୪୬୨୩ କୋଟି ଟଙ୍କା। ସରକାରୀ ସୂତ୍ର ଅନୁଯାୟୀ ଏହି ଅଭିଯାନର ଲକ୍ଷ୍ୟ ହେଉଛି ୧.୦୪କୋଟି ଘରୋଇ ଶୌଚାଳୟ, ୨.୫୨ ଲକ୍ଷ ଗୋଷ୍ଠୀ ଶୌଚାଳୟ ଏବଂ ୨.୫୪ଲକ୍ଷ ସାର୍ବଜନୀନ ଶୌଚଳୟ ନିର୍ମାଣ। ୨୦୧୪-୧୫ବର୍ଷରେ ଏବାବଦରେ ହାରାହାରି ୮୦୦କୋଟି ଟଙ୍କା ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳ ଗୁଡ଼ିକୁ ପ୍ରଦାନ କରାଯାଇଛି। ଏହି ଯୋଜନା ଅନ୍ତର୍ଗତ ୨ଲକ୍ଷରୁ ଅଧିକ ଘରୋଇ ଶୌଚାଳୟ ଏବଂ ପାଖାପାଖି ୧୨,୦୦୦ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। ସାର୍ବଜନୀନ ସ୍ଥଳରେ କୌଣସି ସଭାର ଆୟୋଜନ ପୂର୍ବରୁ ଏବଂ ପରେ ସ୍ୱଚ୍ଛ ରଖିବା ପାଇଁ ସରକାରଙ୍କ ତରଫରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଅର ପ୍ରସ୍ତୁତ କରାଯାଇଛି। ପ୍ରଧାନମନ୍ତ୍ରୀ ଲାଲକିଲ୍ଲାଠାରେ ପୁର୍ନବାର ଦେଶବାସୀଙ୍କୁ ସମ୍ବୋଧନ କରିବାକୁ ଆଉ ଅଳ୍ପ ଦିନ ବାକି ରହିଛି। ଗତବର୍ଷ ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶର ସମସ୍ତ ବିଦ୍ୟାଳୟରେ ଶୌଚାଳୟ ଏବଂ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟର ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏବଂ ଆଗାମୀ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ସହାୟତାରେ ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ନିକଟରେ ଏକ ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଚଳିତବର୍ଷ ହେବାକୁ ଥିବା କୁମ୍ଭ ମେଳା ଓ ଜଗନ୍ନାଥ ଯାତ୍ରା ସମୟରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବା ସହ ଆଧ୍ୟାତ୍ମିକ ଗୁରୁମାନଙ୍କୁ ଏଥିରେ ସାମିଲ କରିବା ପାଇଁ କହିଛନ୍ତି। ସ୍ୱଚ୍ଛ ଭାରତ ମିଶନ ପାଇଁ ବିଭିନ୍ନ ସ୍ତରରେ ପ୍ରୟାସ ହେଉଛି। କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ରାଜନାଥ ସିଂଙ୍କ ମତରେ ଏହି ମିଶନ କେବଳ ସ୍ୱଚ୍ଛତା ପାଇଁ ନୁହେଁ ବରଂ ଅସ୍ପୃଶ୍ୟତା ଭଳି ସାମାଜିକ କୁସଂସ୍କାରକୁ ଦୂର କରିବା ପାଇଁ ଏକ ପଦକ୍ଷେପ। ବରିଷ୍ଠ ସାମ୍ବାଦିକ ଜୟପ୍ରକାଶ ଅବସ୍ଥିଙ୍କ ମତରେ ଯେପର୍ଯ୍ୟନ୍ତ ଯଥେଷ୍ଟ ସଂଖ୍ୟକ ସାର୍ବଜନିନ ଶୌଚାଳୟର ନିର୍ମାଣ ହୋଇନାହିଁ ଏହି ଅଭିଯାନର ସଫଳ ରୂପାୟନ ହୋଇପାରିବ ନାହିଁ। ଏହି ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ହେବାପରେ ଅନେକ ଗୁଡ଼ିକ ଦୃଷ୍ଟାନ୍ତମୂଳକ ଘଟଣା ଦେଖିବାକୁ ମିଳିଛି । ଯେପରିକି ମହାରାଜଗଂଜର ୧୯ ବର୍ଷୀୟ ନବବଧୂ ପ୍ରିୟଙ୍କା ଭାରତି ଶୌଚାଳୟ ନଥିବାରୁ ନିଜ ସ୍ୱାମୀଙ୍କ ଘର ପରିତ୍ୟାଗ କରିଥିଲେ। ଖୋଲାରେ ଶୌଚ କରିବାକୁ ଯିବାକୁ ଯେପରି ନପଡିବ ସେଥିପାଇଁ ସେ ଶାଶୁଘରେ ଅନ୍ନ, ଜଳ ଗ୍ରହଣ କରିବା ପାଇଁ ମନା କରିଥିଲେ। ସମାଜ ପ୍ରିୟଙ୍କାଙ୍କୁ ଶାଶୁଘରକୁ ଫେରିବା ପାଇଁ ଚାପ ପକାଇଥିବା ସତ୍ତ୍ୱେ ସେ ଫେରିନଥିଲେ। ଇତିମଧ୍ୟରେ ଶୌଚାଳୟ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ସାମାଜିକ ସଂସ୍ଥା ଆଗେଇ ଆସି ପ୍ରିୟଙ୍କାଙ୍କ ଶାଶୁଘରେ ଶୌଚାଳୟର ନିର୍ମାଣ କରିଥିଲା। ବର୍ତମାନ ପ୍ରିୟଙ୍କା ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ଶୌଚାଳୟ ନିର୍ମାଣ ଓ ପରିମଳ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ନିକଟରେ କର୍ଣ୍ଣାଟକର ବଲାରି ତାଲୁକର ଜଣେ ୩୨ ବର୍ଷୀୟ ଯୁବକ ନିଜ ବାହାଘର ନିମନ୍ତ୍ରଣ ପତ୍ରରେ ସ୍ୱଚ୍ଛ ଭାରତ ମିଶନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟିକାରୀ ସୂଚନା ଦେଇଥିଲେ। ଏହି କାର୍ଡ ଲୋକମାନଙ୍କୁ ସୁସ୍ଥ ଜୀବନ ପାଇଁ ନିଜ ନିଜ ଘରେ ଶୌଚାଳୟ ନିର୍ମାଣ କରିବାର ବାର୍ତା ଦେଇଥିଲା। ଏହାବାଦ ଉତର ପ୍ରଦେଶ ସରକାର ୩୦୦ଟି ସରକାରୀ କଲେଜରେ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟବସ୍ଥାକୁ ଧ୍ୟାନରେ ରଖି ସାନିଟାରୀ ନାପକିନକୁ ନଷ୍ଟ କରିବାର ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେଇଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, ନୀତି ଆୟୋଗ, ସହରୀ ବିକାଶ ମନ୍ତ୍ରଣାଳୟ, ପାନୀୟ ଜଳ ଯୋଗାଣ ଓ ସ୍ୱଚ୍ଛତା ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହିତ ଏହି ଅଭିଯାନର ପ୍ରଗତି ସଂପର୍କରେ ସମୀକ୍ଷା କରିଛନ୍ତି। ସେ ରାଜ୍ୟମାନଙ୍କ ଠାରୁ ଶୌଚାଳୟ ନିର୍ମାଣ ସମ୍ପର୍କୀୟ ସଦ୍ୟ ପ୍ରତିକ୍ରିୟା ମାଗିଛନ୍ତି। ବ୍ୟାପକ ସମୀକ୍ଷା ପରେ ପ୍ରଧାନମନ୍ତ୍ରୀ ଶୌଚାଳୟ ନିର୍ମାଣରେ ପଛୁଆ ଥିବା ରାଜ୍ୟମାନଙ୍କ ସହ ସ୍ୱତନ୍ତ୍ର ଭାବେ ଯୋଗଯୋଗ ରକ୍ଷା କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ଗଙ୍ଗା ନଦୀ କୂଳରେ ଥିବା ଜନବସତି ଅଂଚଳ ଗୁଡ଼ିକରେ ଶୌଚାଳୟ ନିର୍ମାଣକୁ ଅଗ୍ରାଧିକାର ଦେବା ପାଇଁ ସେ ନମାମୀ ଗଙ୍ଗେ କାର୍ଯ୍ୟକ୍ରମ ଅଧିକାରୀଙ୍କୁ କହିଛନ୍ତି। ଗ୍ରାମାଂଚଳ ଛାତ୍ରମାନଙ୍କ ମଧ୍ୟରେ ପରିମଳ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜନ କରିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସଂପ୍ରତି କିଛି ରାଷ୍ଟ୍ରାୟତ ଉଦ୍ୟୋଗ ଶୌଚାଳୟ ନିର୍ମାଣ ଏବଂ ମରାମତି କାର୍ଯ୍ୟରେ ଅଂଶଗ୍ରହଣ କରୁଛନ୍ତି। କୋଲ ଇଣ୍ଡିଆ, ଏନଟିପିସି, ଓଏନଜିସି, ଆରଇସି, ଏନଏଚପିସି ଭଳି ରାଷ୍ଟ୍ରାୟତ ଉଦ୍ୟୋଗ ଏଥିରେ ସାମିଲ ହୋଇଛନ୍ତି। ଅର୍ଥ ମନ୍ତ୍ରଣାଳୟ ଅଧିନରେ ପାଣ୍ଠି ସଂଗ୍ରହ ପାଇଁ ଏକ ସ୍ୱଚ୍ଛ ଭାରତ କୋଷ ଗଠନ କରାଯାଇଛି। ଏହି କୋଷର ପାଣ୍ଠି ସ୍ୱଚ୍ଛ ବିଦ୍ୟାଳୟ କାର୍ଯ୍ୟକ୍ରମ ପାଇଁ ବ୍ୟବହୃତ ହେଉଛି। ରେଳ ମନ୍ତ୍ରଣାଳୟ ମଧ୍ୟ ଟ୍ରେନରେ ଥିବା ଶୌଚାଳୟ ଗୁଡ଼ିକୁ ସଫା ରଖିବା ପାଇଁ ବିଶେଷ ଗୁରୁତ୍ୱ ଦେଉଛି। ରେଳ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ମତରେ ଉଭୟ ଏସି ଓ ନନ ଏସି କୋଚ୍ ମାନଙ୍କରେ ଖୁବ୍ ଶୀଘ୍ର ଡଷ୍ଟବିନର ବ୍ୟବସ୍ଥା କରାଯିବ। ଏଥିସହିତ ରେଳ ଧାରଣାକୁ ସ୍ୱଚ୍ଛ ରଖିବା ପାଇଁ କୋଚ୍ ଗୁଡ଼ିକରେ ଜୈବ ଶୌଚାଳୟ (ବାୟୋ ଟଏଲଟ) ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନିଆଯାଉଛି। ଚଳିତ ବର୍ଷ ମାର୍ଚ ମାସ ପର୍ଯ୍ୟନ୍ତ ୧୭,୦୦୦ରୁ ଉର୍ଦ୍ଧ୍ୱ ଜୈବ ଶୌଚାଳୟର ବ୍ୟବସ୍ଥା କରାଯାଇଛି ଏବଂ ୨୦୧୫-୧୬ ଆର୍ଥିକ ବର୍ଷରେ ଆହୁରି ୧୭,୦୦୦ ଜୈବ ଶୌଚାଳୟର ବ୍ୟବସ୍ଥା କରାଯିବ। **(ସୌଜନ୍ୟ: ନୀରଜ ବାଜପେୟୀ)**

## ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଜୀଙ୍କ ୧୦୨ତମ ଜୟନ୍ତୀ ଓ ଜାତୀୟ ସଂହତି ସମାରୋହ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍)- ବିଶ୍ୱ-ବରେଣ୍ୟା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୧୦୨ତମ ପୂଣ୍ୟ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ତରଫରୁ ଭୁବନେଶ୍ୱରସ୍ଥିତ ଇନ୍ଦିରା ପାର୍କଠାରେ ସ୍ମୃତି କମିଟିର ଅଧ୍ୟକ୍ଷ ତଥା ବିଧାୟକ ସୁରେଶ କୁମାର ରାଉତରାୟ, ସ୍ମୃତି କମିଟିର ସାଧାରଣ ସମ୍ପାଦକ ତଥା ପିସିସି କୃଷକ ସେଲ୍ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଜାତୀୟ ସଂହତି ଦିବସ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ, ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଶରତ ରାଉତ, ବରିଷ୍ଠ କଂଗ୍ରେସ ନେତା ଉମ୍ବରୁଧର ଉଲ୍ଲାକା, ଗୁରୁପଦ ନନ୍ଦ, ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ବହୁ ନେତୃମଣ୍ଡଳୀ, ବୁଦ୍ଧିଜୀବି, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଇନ୍ଦିରା ପ୍ରେମୀ ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦେଇ ସ୍ୱର୍ଗୀୟା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ସମବେତ ଜନତାଙ୍କୁ ଜାତୀୟ ସଂହତି ଶପଥପାଠ କରାଇଥିଲେ। ପ୍ରତ୍ୟୁଷରୁ ବିଭିନ୍ନ ଧର୍ମଗୁରୁଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବା ସହ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଶ୍ରୀମତୀ ମିନତୀ ମଲ୍ଲ ଓ ବିଦ୍ୟୁଲତା ମହାନ୍ତ ଓ ସେମାନଙ୍କ ସାଥିମାନଙ୍କ ଦ୍ୱାରା ରାମଧୁନ ଭଜନ ଓ ଝୁମର ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ବେହେରା, କୈଳାଶ ସାହୁ, ମନୋଜ ମହାପାତ୍ର, ପ୍ରକାଶ ମିଶ୍ର, ଯୁଧିଷ୍ଠିର ଜେନା, ଚିନ୍ମୟ ସୁନ୍ଦର ଦାସ, ନିରଞ୍ଜନ ମହାନ୍ତ, ବସନ୍ତ କୁମାର ମହାରଣା, ସଦାନନ୍ଦ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ତ୍ୟାଗପୂତ ଅମ୍ଳାନ ଗୁଣାବଳୀର ସ୍ମୃତିଚାରଣ କରାଯିବା ସହ ଦେଶର ଏକତା, ଅଖଣ୍ଡତା, ଶାନ୍ତି ଓ ସବୁ କ୍ଷେତ୍ରରେ ଭାରତବର୍ଷର ସାମଗ୍ରୀକ ବିକାଶ ଓ ଶକ୍ତିଶାଳୀ କରିବା ପାଇଁ ଇନ୍ଦିରା ଗାନ୍ଧୀ ଯେଉଁ ବାର୍ତ୍ତା ସିଞ୍ଚନ କରିଯାଇଛନ୍ତି ସାମ୍ପ୍ରତିକ ପରିସ୍ଥିତିରେ ତାଙ୍କର ଆହ୍ୱାନ ଓ ନେତୃତ୍ୱର ଯଥେଷ୍ଟ ପ୍ରସାଙ୍ଗିକତାର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ସଂସ୍କାରବାଦୀ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ବ୍ରହ୍ମପୁର (ପିଏନ୍): ସ୍ୱେଚ୍ଛାସେବୀ ସଂଗଠନ ସଂସ୍କାରବାଦୀ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ, ବିପ୍ଲବୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ବ୍ରହ୍ମପୁର ସର୍କଲ ଜେଲ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା। ସଂଗଠନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ରବି ରଥ, ଉପସଭାପତି ବୃନ୍ଦାବନ ଖଟେଇ, ସମ୍ପାଦକ ବିଘ୍ନେଶ୍ୱର ପାଢ଼ୀ, ସହ ସମ୍ପାଦକ ଗୌରୀ ଶଙ୍କର ମହାନ୍ତି, ସରିତା ପଣ୍ଡା, ଇଂ. ଇକେବି ପାତ୍ର, ବସନ୍ତ କୁମାର ଅଧିକାରୀ, ପ୍ରଭାତ ମହାପାତ୍ର, ସୂର୍ଯ୍ୟ ନାରାୟଣ ବେହେରା, ସୁଶାନ୍ତ କୁମାର ପଟ୍ଟନାୟକ, ବଦ୍ରି ପ୍ରସାଦ ପାତ୍ର, ପ୍ରତାପ ଚନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ରଥ ଲକ୍ଷ୍ମଣ ନାୟକଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋକପାତ କରି ଆମେ ଯେଉଁମାନଙ୍କ ପାଇଁ ସ୍ୱାଧୀନତା ପାଇଲୁ ସେମାନଙ୍କ ଅବଦାନ ସମ୍ପର୍କରେ ଭୁଲି ଯାଉଛେ ବୋଲି କହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଗୁରୁ, ସାମ୍ପ୍ରଦାୟିକତା ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



ଭୁବନେଶ୍ୱର (ପିଏନ୍): ଆମର ଏକାନ୍ତ ଗନ୍ତବ୍ୟ ହେଲା - ଈଶ୍ୱରପ୍ରାପ୍ତି, ଧାରଣ-ପାଳନ-ସମ୍ବେଗ-ସିଦ୍ଧ ବ୍ୟକ୍ତିତ୍ୱ, ତାର ଉପାୟ ହେଉଛି ଆଚାର୍ଯ୍ୟଙ୍କ ଠାରେ ସକ୍ରିୟ ଅନୁରତି, ତା'ଠାରୁ ଆସେ - ଆତ୍ମନିୟନ୍ତ୍ରଣ, ପରିବାର ନିୟନ୍ତ୍ରଣ, ସମାଜ ନିୟନ୍ତ୍ରଣ ଓ ରାଷ୍ଟ୍ର ନିୟନ୍ତ୍ରଣ। ଆଉ ଏଇ ରାଷ୍ଟ୍ର ନିୟନ୍ତ୍ରଣର ଭିତର ଦେଇ, ସାରା ବିଶ୍ୱର ସଙ୍ଗେ ଯୋଗସୂତ୍ର ରଚନା କରି ସବୁଟାକୁ ନେଇ ବିବର୍ଦ୍ଧନର ଦିଗରେ ଆଗେଇ ଚାଲିବା। ଆଉ ଏଇ ସବୁଗୁଡ଼ିକୁ ସାର୍ଥକ କରି ତୋଳିବା ଈଶ୍ୱରଙ୍କ ଠାରେ, ଆଉ ପ୍ରାପ୍ତିର ପରମ ବେଦନା ଏହା ହିଁ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କଥା ପ୍ରସଙ୍ଗରେ କହିଲେ - ଯାହା ବି କରିବାକୁ ଯାଅ, ମୂଳରେ ଥିବା ଦରକାର ଗୁରୁଭକ୍ତି। ତହିଁରେ ପ୍ରବୃତ୍ତି କବ୍‌ଜାରେ ଥାଏ, ସେବାବୃତ୍ତି ଚଞ୍ଚଳ ହୋଇଉଠେ, ଏବଂ କାର୍ଯ୍ୟଟା ନିଖୁଣ ହୁଏ। ଏହି ଗୁରୁଭକ୍ତିରୁ ହିଁ ମଣିଷ ମଙ୍ଗଳର ଅଧିକାରୀ ହୁଏ। ତେଣୁ ଗୁରୁଙ୍କୁ ଇଷ୍ଟ ବୋଲି କୁହାଯାଏ। ଇଷ୍ଟମାନେ ମଙ୍ଗଳ, ଅର୍ଥାତ୍ ଗୁରୁଙ୍କୁ ଅନୁସରଣ କରିଲେ ହିଁ ମଣିଷର ମଙ୍ଗଳ ଆସେ। ଆଉ ଏଇ ଅନୁସରଣର ପନ୍ଥା ହିଁ ହେଉଛି ଯଜନ, ଯାଜନ ଓ ଇଷ୍ଟଭୃତି। ଇଷ୍ଟ ହେଲେ ଗୁରୁ, ସଦ୍‌ଗୁରୁ, ଆଚାର୍ଯ୍ୟ, ଯିଏ ଆଚରଣ କରି ଜାଣିଛନ୍ତି। ତାହା ନକରି ଯାହାଙ୍କୁ ତାହାଙ୍କୁ ଗୁରୁ କହିଲେ ହୁଏନାହିଁ। ଗୁରୁ ଗ୍ରହଣ କରିବାର ପ୍ରଥା ଆମ୍ଭମାନଙ୍କର ଅଛି। ଏହି ପ୍ରଥା ବର୍ତ୍ତମାନ କୁଳଗୁରୁ ଗ୍ରହଣର ଭିତର ଦେଇ ଚାଲିଛି। କିନ୍ତୁ କୁଳଗୁରୁଙ୍କ ପାଖରୁ ଦୀକ୍ଷାଟା ଶେଷ ନୁହେଁ। ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେବା ଏକାନ୍ତ ଆବଶ୍ୟକ। ଗୁରୁ ଗ୍ରହଣମାନେ ଆଚାର୍ଯ୍ୟ ବା ଇଷ୍ଟଗ୍ରହଣ। ଏହି ଆଚାର୍ଯ୍ୟ ହେଲେ ଲିଭିଙ୍ଗ ଟିଚର୍ ବା ଜୀବନ୍ତ ଦିଶାରୀ। ସେ ହେଲେ ମୂର୍ତ୍ତ ନିଷ୍ଠା, ତାଙ୍କ ପ୍ରତି ଯଦି ନିଷ୍ଠା ନଥାଏ, ଆନୁଗତ୍ୟ ନଥାଏ, ତେବେ ତୁମେ କୌଣସି ବୁଦ୍ଧି ଦେଇ ମଧ୍ୟ ସର୍ବତୋମୁଖୀ ସାଫଲ୍ୟରେ ପହଞ୍ଚିପାରିବ ନାହିଁ। ଅବତାର, ସଦ୍‌ଗୁରୁ ବା ମହାପୁରୁଷ ମାନେ କ'ଣ ? ଉତ୍ତରରେ ଶ୍ରୀ ଶ୍ରୀ ଠାକୁର କହିଲେ - ଅବତାରମାନେ ସଦ୍‌ଗୁରୁ, ଯିଏ ପ୍ରବୃତ୍ତି - ପରାୟଣତାର ଉର୍ଦ୍ଧ୍ୱ ଲୋକରୁ ଆସନ୍ତି ଏବଂ ବଞ୍ଚିବା - ବଢ଼ିବାର ବିଧି ଜଣାଇଦିଅନ୍ତି। ମହାପୁରୁଷମାନେ ମହାପୂରଣକାରୀ। ସଦ୍‌ଗୁରୁଙ୍କର ଲକ୍ଷଣ ହେଲା - ତାଙ୍କର ବହିଃ ପ୍ରକାଶରେ ଏହା ଦେଖାଯାଏ, ସେ ଅଚ୍ୟୁତ ଅନୁରାଗ - ସମ୍ପନ୍ନ, ଜାକଜମକରେ ମଧ୍ୟ ବି ସରଳ, ସ୍ୱାଭାବିକ ଭାବେ ସ୍ୱାଭାବିକ ଓ ମହାଜ୍ଞାନୀ ସତ୍ତ୍ୱେ ସରଳ। ଜୀବନରେ ଗୁରୁ ନ ରହିଲେ ମଣିଷର ସମତା ଠିକ୍ ରହେନି। ଶ୍ରୀ ଶ୍ରୀ ଠାକୁର କହିଲେ - ଗୁରୁମାନେ ହିଁ ସଦ୍‌ଗୁରୁ - ଆଚାର୍ଯ୍ୟ। ସଦ୍‌ଗୁରୁ ବା ଗୁରୁ - ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତି - ବିଗ୍ରହ, ସେ ହିଁ ରୂପାୟିତ ଈଶ୍ୱର - ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି-ବୃଦ୍ଧିର ପରମ ଅମୃତପଥ। ଦୁନିଆରେ ଯେତେ ଦ୍ୱନ୍ଦ୍ୱ ମଧ୍ୟରେ ଅନ୍ୱୟୀ ସାର୍ଥକତାର ସାର-କେନ୍ଦ୍ର ସେ ହିଁ। ତାଙ୍କୁ ଭଲ ପାଏ, ତାଙ୍କ ଇଚ୍ଛା ପରିପୂରଣ କରେ, ତଦନଗୁଗ ଆତ୍ମନିୟନ୍ତ୍ରଣରେ। ତାଙ୍କର ସଙ୍ଗ, ସାହଚର୍ଯ୍ୟ ଓ ସେବ ଭିତର ଦେଇ ମଣିଷ ଈଶୀସ୍ପର୍ଶ ଲାଭ କରି ଧନ୍ୟ ହୁଏ। ତେବେ ପ୍ରଶ୍ନ ଉଠେ - ସବୁ ଅବତାର ଓ ଗୁରୁ - ପୁରୁଷୋତ୍ତମ କ'ଣ ସମାନ ? ଶ୍ରୀ ଶ୍ରୀ ଠାକୁର କହିଲେ - ସକଳ ହିଁ ପୂର୍ଣ୍ଣ, ସମସ୍ତେ ବରିଷ୍ଠ, ବଡ଼ କଥାର ମଧ୍ୟରେ ରହିଛି ପରିପୂରଣ। ଯେତେବେଳେ ଯେପରି ପ୍ରୟୋଜନ, ସେତେବେଳେ ସେପରି ଆବିର୍ଭାବ - ଯୁଗ ପ୍ରୟୋଜନ ପରିପୂରଣ ପାଇଁ। ଯୁଗେ - ଯୁଗେ ସେଇ ଜଣେ ହିଁ ଆସନ୍ତି, ପୂର୍ବତନ ଓ ପରବର୍ତ୍ତୀଙ୍କ ମଧ୍ୟରେ ତେଣୁ ରହିଛି ଅଚ୍ଛେଦ୍ୟ ସଙ୍ଗତ। ବିବର୍ତ୍ତନର ଧାରା ଏଇ ଭାବରେ ଆଗେଇ ଚାଲିଛି। ତେଣୁ ଜଣଙ୍କୁ ଛୋଟ କରି ଆଉ ଜଣଙ୍କୁ ବଡ଼ କରିବାର ପ୍ରଚେଷ୍ଟା ଭଲ ନୁହେଁ। ଶ୍ରୀକୃଷ୍ଣଙ୍କ ମଧ୍ୟରେ ରାମଚନ୍ଦ୍ରଙ୍କୁ ଦେଖେନି-ବୁଦ୍ଧଦେବଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଖୋଜି ଦେଖେନି-ଏହା ହିଁ ଦୋଷ। ଆଜିକାର ଦିନରେ ତେଣୁ ପୂର୍ବବର୍ତ୍ତୀ କୌଣସି ଅବତାର-ମହାପୁରୁଷଙ୍କୁ ଯଦି ବୁଝିବାକୁ ଚାହୁଁ ତେବେ ବର୍ତ୍ତମାନ ପୂରୟମାଣ ଅବତାର ମହାପୁରୁଷ ଯଦି କେହି ଥାଆନ୍ତି, ତାଙ୍କ ମଧ୍ୟ ଦେଇ ହିଁ ବୁଝିପାରିବା, ନଚେତ୍ ତାଙ୍କ ମର୍ମ କେନ୍ଦ୍ରର ସନ୍ଧାନ ପାଇବାନି। ପ୍ରଭୁ ଯୀଶୁ ଖ୍ରୀଷ୍ଟ କହିଲେ, ମୁଁ ହିଁ ଆଲୋକ, ମୁଁ ହିଁ ପଥ, ମୋତେ ବାଦ ଦେଇ ପିତାଙ୍କ ପାଖକୁ କେହି ଯାଇପାରିବେ ନାହିଁ। ଜଣେ ପ୍ରଶ୍ନ କରିଲେ - ଗୁରୁଙ୍କ ନେଇ ଆମର ଚଳିବା ଦରକାର କ'ଣ ଏବଂ ଗୁରୁ କ'ଣ ଆମକୁ ସ୍ୱୟଂସମ୍ପୂର୍ଣ୍ଣ କରି ତୋଳି ପାରିବେ ? ଶ୍ରୀ ଶ୍ରୀ ଠାକୁର କହିଲେ - ଗୁରୁଙ୍କ ଉପରେ ଯଦି ଆମର ନିଷ୍ଠା ଥାଏ ଆଉ ତାଙ୍କର ନିର୍ଦ୍ଦେଶଗୁଡ଼ିକ ଯଦି ଠିକ୍ ଠିକ୍ କାର୍ଯ୍ୟରେ ଫୁଟେଇ ତୋଳୁ, ତାହେଲେ ଏହାର ଭିତର ଦେଇ ଆମର ଅଭିଜ୍ଞତା ବଢ଼େ, ଆମେ ଶିକ୍ଷିତ ହୋଇ ଉଠୁ। ଜୀବନର ଆରମ୍ଭରେ, ମଧ୍ୟରେ ଓ ଶେଷରେ ସବୁ ଅବସ୍ଥାରେ ଯାହା ଦରକାର ତାହା ହେଉଛି ଏହି ଇଷ୍ଟପ୍ରାଣତା। ମଣିଷ ଜୀବନ୍ତ ଆଦର୍ଶ ବା ଇଷ୍ଟଙ୍କ ସହିତ ଯୁକ୍ତ ହେଲେ ପ୍ରଜ୍ଞାବାନ, ମଧୁର, ଗମ୍ଭୀର ଓ ଶକ୍ତିମାନ ହୁଏ। ସେହିପରି ଶ୍ରୀ ଶ୍ରୀ ଠାକୁର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥରେ କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବ ନାହିଁ। ଏ ପ୍ରକାର ଅଭୟବାଣୀ କେବଳ ଈଶ୍ୱର ବା ପରମପିତା ହିଁ ଦେଇପାରିବେ। ଜନୈକ ବ୍ୟକ୍ତି କହିଲେ - ଅନେକେ ଦୀକ୍ଷା ନେବାକୁ ଚାହାଁନ୍ତି ନାହିଁ। ଶ୍ରୀ ଶ୍ରୀ ଠାକୁର କହିଲେ- ତାର ଅର୍ଥ ସେ ଜୀବନ ହିଁ ଚାହେଁନା। ମଣିଷ ଜୀବନର ଅସଲ ସମ୍ପଦ ହେଲା ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ ଅନୁରାଗୀ ହୋଇ ଚଳିବା। ସତ୍‌ଦୀକ୍ଷା ନେବାକୁ ଆପତ୍ତି ଥାଏ ସେତେବେଳେ ହିଁ ଯେତେବେଳେ ଆମେ ପ୍ରବୃତ୍ତିର ଅନୁଚର ହେଉ। ଅମୃତରେ ଅରୁଚି ହୁଏ ସେତେବେଳେ ହିଁ, ଯେତେବେଳେ ଆମେ ମୃତ୍ୟୁକୁ ଭଲ ପାଉ। ଶ୍ରୀ ଶ୍ରୀ ଠାକୁର କହିଲେ - ସବୁର ମୂଳରେ ହେଲା ଇଷ୍ଟ ନିଷ୍ଠା। ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ଭାବୁଛ ମନରେ ସବୁ ହେଲା, ତା ତ ନୁହେଁ, ତା' ତ ନୁହେଁ ହିଁ, ନିଷ୍ଠା ସହ ଯଦି ନ ପାଳ। ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେବା ପରେ ହିଁ ଦ୍ୱିତୀୟ ଜୀବନ ଆରମ୍ଭ ହୁଏ। ଜନ୍ମ ଜନ୍ମାନ୍ତରର ଜମି ରହିଥିବା ପାପ ଓ ମଇଳା ସେଇ ଗୁରୁଙ୍କ ପ୍ରଦତ୍ତ ସତ୍‌ନାମ ମନନରେ ସଫା ହେବା ଆରମ୍ଭ ହୁଏ ଏବଂ କେତେ ଜନ୍ମ ମଧ୍ୟ ଲାଗିପାରେ। ସେ ସତ୍‌ନାମ ବା ଆଦିନାମର ସ୍ୱତଃ ପ୍ରକ୍ରିୟା ଯୋଗୁଁ ଧୀରେ ଧୀରେ ପ୍ରପବୃତ୍ତିଗୁଡ଼ିକରେ ସାମଞ୍ଜସ୍ୟ ହୋଇ ସତ୍ତାକୁ ବିବର୍ଦ୍ଧନ ଦିଗରେ ଆଗେଇ ନେଇ ଜୀବନକୁ ନିଶ୍ଚୟ ମଧୁମୟ କରି ତୋଳିବ।

**(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ସହ-ପ୍ରତିରକ୍ଷକ, ବିଭାଗୀୟମୁଖ୍ୟ ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭)**

# ଜଳ ପାଇଁ ବ୍ୟାକୁଳ ହୀରାକୁଦ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ସବୁଠାରୁ ବଡ଼ ନଦୀ କୁହାଯାଉଥିବା ମହାନଦୀ ବର୍ଷା ଦିନରେ ମଧ୍ୟ ଶୁଖିଲା ପଡୁଛି। କେବଳ ସେତିକି ନୁହେଁ ମହାନଦୀରୁ ବାହାରି ଥିବା ଉପନଦୀ କାଠଯୋଡ଼ି ମଧ୍ୟ କହିବାକୁଗଲେ ବର୍ଷ ତମାମ ଶୁଖିଲା ପଡୁଛି। ଓଡ଼ିଶାର ଜୀବନରେଖା କହିଲେ ଲୋକମାନେ ମହାନଦୀକୁ ହିଁ ବୁଝିଥାନ୍ତି। ପରବର୍ତ୍ତୀ ସମୟରେ ସରକାର ମହାନଦୀର କୂଳରେ ଅନେକ କଳକାରଖାନା ଓ କାର୍ଯ୍ୟାଳୟ ଖୋଲିଛନ୍ତି କେବଳ ମହାନଦୀର ଜଳକୁ ଇଚ୍ଛା କରି। ତେବେ ଆପଣମାନେ ହୁଏତ ଜାଣିକି ଆଶ୍ଚର୍ଯ୍ୟ ହେବେ ଓଡ଼ିଶାର ସର୍ବବୃହତ୍ତ ହୀରାକୁଦ ବନ୍ଧରେ ମଧ୍ୟ ପର୍ଯ୍ୟାପ୍ତ ଜଳ ରହୁନାହିଁ। କେବଳ ଖରାଦିନେ ନୁହେଁ ବର୍ଷା ଦିନରେ ହୀରାକୁଦର ଜଳ ନିୟନ୍ତ୍ରିତ ହେଉଛି ଛତିଶଗଡ଼ ସରକାରଙ୍କ କହିବାକୁଗଲେ ତଥାକଥିତ ଦୟାରୁ। କାରଣ ଛତିଶଗଡ଼ ସରକାର ଇଚ୍ଛା କଲେ କେତେବେଳେ ଜଳ ପ୍ରବଳ ମାତ୍ରାରେ ନିଷ୍କାସନ କରିବାରୁ ମହାନଦୀ ପୂର୍ଣ୍ଣଗର୍ଭା ହୋଇ ଓଡ଼ିଶାରେ ବନ୍ୟାବିପତ୍ତି ସୃଷ୍ଟି କରିଥାଏ କେବଳ ସେତିକିନୁହେଁ ତଳିଆ ଅଞ୍ଚଳର ଅଧିବାସୀମାନେ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥାନ୍ତି। ସେହିପରି ଆବଶ୍ୟକ ସମୟରେ ଜଳ ନଛାଡ଼ିବା କାରଣରୁ ଓଡ଼ିଶାର କୃଷିକ୍ଷେତ୍ର ମଧ୍ୟ ଭୟଙ୍କର ଭାବେ ପ୍ରଭାବିତ ହେଉଛି। କଥାରେ ଅଛି 'ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ'। କେନ୍ଦ୍ର ସରକାର ନଦୀ ସଂଯୋଗୀକରଣ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଚାହୁଁଥିଲେ ମଧ୍ୟ ରାଜନୈତିକ କ୍ଷେତ୍ର ଅନେକାଂଶରେ ପ୍ରତିବନ୍ଧକ ସାଜୁଛି। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ନଦୀ ସଂଯୋଗୀକରଣ ଦ୍ୱାରା ସମଗ୍ର ଭାରତ ବର୍ଷର ବଡ଼ ନଦୀ ସହିତ ସଂଯୋଗ ପାଇଁ ଇଚ୍ଛା କରିଥିଲେ ପରବର୍ତ୍ତୀ ସମୟରେ ଏହା ଅବଶ୍ୟ ସାଧିତ ହୋଇପାରିଲାନାହିଁ। ଅନେକ କ୍ଷେତ୍ରରେ ରାଜନୈତିକ ବାଧବାଧକତା ଲୋକମାନଙ୍କର ମୁଖ୍ୟ ଅବଲମ୍ବନ କୁହାଯାଉଥିବା ଜଳ କ୍ଷେତ୍ରକୁ ପ୍ରଭାବିତ କରୁଛି।

ମହାନଦୀ ଉପରେ ନିର୍ମିତ ହୀରାକୁଦ ବନ୍ଧ ହେଉଛି ସର୍ବବୃହତ ନଦୀବନ୍ଧ। ବିଶ୍ୱର ଦୀର୍ଘତମ ମାଟି ବନ୍ଧର ମାନ୍ୟତା ପାଇଥିବା ହୀରାକୁଦ ପାଇଁ ମହାନଦୀକୁ ମିଳିଛି ସ୍ୱତନ୍ତ୍ର ପରିଚୟ। ଓଡ଼ିଶାରେ ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ଜଳବିଦ୍ୟୁତ୍ ଉତ୍ପାଦନର ବହୁମୁଖୀ ଲକ୍ଷ୍ୟ ନେଇ ସ୍ୱାଧୀନତା ପରବର୍ତ୍ତୀ ସମୟରେ ବନ୍ଧା ଯାଇଥିଲା ହୀରାକୁଦ ବନ୍ଧ। ହୀରାକୁଦ ବନ୍ଧ ନିର୍ମାଣ ସହ ମହାନଦୀ ପାଣିରେ ସୃଷ୍ଟି ହୋଇଥିବା ଜଳଭଣ୍ଡାର ପାଲଟିଥିଲା ଏସିଆର ସର୍ବବୃହତ୍ କୃତ୍ରିମ ହ୍ରଦ। ଉକ୍ତ ଜଳକୁ ବ୍ୟବହାର କରି ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ଓ ଜଳସେଚନର ସୁବିଧା ପାଇଁ ଆସିଛି। ପରବର୍ତ୍ତୀ ସମୟରେ ବିଭିନ୍ନ ଶିଳ୍ପସଂସ୍ଥା ପାଇଁ ମଧ୍ୟ ଏହା ଜଳର ଉତ୍ସ ପାଲଟିଛି। ହେଲେ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ସତ୍ତାକୁ ନେଇ ସୃଷ୍ଟି ହୋଇଛି ସଙ୍କଟ। ଏହି ଜଳଭଣ୍ଡାରକୁ ଜଳ ଯୋଗାଉଥିବା ମହାନଦୀର ମୁହଁକୁ ବନ୍ଦ କରି ଦେବାକୁ ବସିଛି ଛତିଶଗଡ଼। ଫଳରେ ମହାନଦୀର ପାଣିକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଉପୁଜିଛି ବିବାଦ। ନଦୀଜଳ ବଣ୍ଟନ କ୍ଷେତ୍ରରେ ଆନ୍ଧ୍ର ସହ ଯୁଝୁଥିବା ଓଡ଼ିଶାର ଏବେ ସବୁଠୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ପାଲଟିଛି ଛତିଶଗଡ଼। ଓଡ଼ିଶାର ଜୀବନରେଖା ମହାନଦୀ ଉପରେ ଏହାର ଏକଚାଟିଆ ଅଧିକାର ରାଜ୍ୟର ଚିନ୍ତା ବଢ଼ାଇଛି। ୨୦୧୦କୁ ୨୦୧୫ ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ମହାନଦୀ ଓ ତାର ଉପନଦୀ ଗୁଡ଼ିକରେ ଛତିଶଗଡ଼ ସରକାର ୬୦ରୁ ଅଧିକ ଛୋଟବଡ଼ ବ୍ୟାରେଜ ଓ ବନ୍ଧ ନିର୍ମାଣ କରିଛନ୍ତି। ଫଳରେ ହୀରାକୁଦ ବନ୍ଧକୁ ଜଳପ୍ରବାହ ଗୁରୁତର ପ୍ରଭାବିତ ହୋଇଛି। ବିଶେଷକରି ଛତିଶଗଡ଼ ତିଆରି କରିଥିବା ସାତଟି ବୃହତ୍ ବ୍ୟାରେଜ ହୀରାକୁଦ ଓ ଓଡ଼ିଶା ପାଇଁ ଘାତକ ହୋଇଛି। ଛତିଶଗଡ଼ର ଚନ୍ଦରପୁର ନିକଟରେ ମହାନଦୀ ଉପରେ ନିର୍ମିତ କଲ୍‌ମୀ ବ୍ୟାରେଜ କାର୍ଯ୍ୟକାରୀ ହେବା ପରେ ହୀରାକୁଦକୁ ଜଳପ୍ରବାହ ବହୁ ପରିମାଣରେ ହ୍ରାସ ପାଇଛି। ବିଶେଷକରି ଏହି ଦୁଇ ବର୍ଷରେ ଅଣମୌସୁମୀ ସମୟରେ ହୀରାକୁଦର ଜଳସ୍ତର ଅସ୍ୱାଭାବିକ ଭାବେ ହ୍ରାସ ପାଉଛି। କେବଳ ଜଳଭଣ୍ଡାରର ଅସ୍ତିତ୍ୱ ବିପନ୍ନ ହୋଇଛି ତାହା ନୁହେଁ, ତଳ ମୁଣ୍ଡରେ ମଧ୍ୟ ମହାନଦୀର ସ୍ରୋତ ଶୁଖିବାରେ ଲାଗିଛି। ସମ୍ବଲପୁରରୁ ନେଇ ପାରଦ୍ୱୀପ ପର୍ଯ୍ୟନ୍ତ ଅନେକ ସ୍ଥାନରେ ମହାନଦୀର ଶଯ୍ୟା ଶୁଖିଲା ପଡୁଛି। ଛତିଶଗଡ଼ ନିର୍ମିତ ବ୍ୟାରେଜ ଗୁଡ଼ିକର ଉଦ୍ଦେଶ୍ୟ ଜଳସେଚନ ବୋଲି କୁହାଯାଉଥିଲେ ବି ବାସ୍ତବରେ ଶିଳ୍ପାନୁଷ୍ଠାନକୁ ପାଣି ଦେବା ପାଇଁ ଏହା ତିଆରି ହେଉଛି। ଛତିଶଗଡ଼ ସରକାରଙ୍କ ଏହି ଶିଳ୍ପ ପ୍ରୀତି ଓଡ଼ିଶାର ଚାଷ ଓ ଚାଷୀଙ୍କ ପାଇଁ କାଳ ହୋଇଛି। ଏହାଦ୍ୱାରା ହୀରାକୁଦ ସେଚାଞ୍ଚଳର ଅଢ଼େଇ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳଯୋଗାଣ ବାଧାପ୍ରାପ୍ତ ହେବା ସହ ମହାନଦୀ ଉପରେ ନିର୍ଭରଶୀଳ ୧୫ଟି ଜିଲ୍ଲାର ଚାଷ ପ୍ରଭାବିତ ହେବାରେ ଲାଗିଛି। ଇତିମଧ୍ୟରେ ପ୍ରତିଷ୍ଠାର ୬୩ ବର୍ଷ ମଧ୍ୟରେ ହୀରାକୁଦ ବନ୍ଧ କ୍ରମେ ଦୁର୍ବଳ ହୋଇଛି। ଏହାର କଂକ୍ରିଟ୍ ଢ଼ାଞ୍ଚାରେ ଫାଟ ସୃଷ୍ଟି ହୋଇଛି। ଜଳଭଣ୍ଡାରରେ ପଟୁ ମାଟି ପୋତି ହେବା କାରଣରୁ ଏହାର ଜଳଧାରଣ କ୍ଷମତା ହ୍ରାସ ପାଇଛି। ଅପର ପକ୍ଷରେ ଭବିଷ୍ୟତରେ ମୌସୁମୀ ସମୟରେ ହୀରାକୁଦକୁ ପ୍ରଚୁର ପରିମାଣର ଜଳ ପ୍ରବେଶ ଆଶଂକା କରି ବନ୍ଧ ଉପରେ ଅତିରିକ୍ତ ସ୍ପିଲୱେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଏହାସତ୍ତ୍ୱେ ଛତିଶଗଡ଼ର ଜଳ ନିୟନ୍ତ୍ରଣ କାରଣରୁ ଜଳଭଣ୍ଡାରର ଅସ୍ତିତ୍ୱ ବିପନ୍ନ ହୋଇଛି। ଏହା ଉପରେ କେନ୍ଦ୍ରୀୟ ଲଗାମ ନରହିଲେ ବର୍ଷ ତମାମ ହୀରାକୁଦ ଶୁଖିଲା ପଡ଼ିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ତେଣୁ ଏ କ୍ଷେତ୍ରରେ ରାଜନୈତିକ ମତଭେଦକୁ ଦୂରେଇ ରାଜ୍ୟର ସ୍ୱାର୍ଥ ପାଇଁ ସବୁକ୍ଷେତ୍ରରୁ ସହଯୋଗର ଆବଶ୍ୟକତା ରହିଛି।

**(ସୌଜନ୍ୟ: ଅଲେଖ ଚନ୍ଦ୍ର ସାମଲ, ଓଏଫ୍‌ଏସ୍-୧, ସହକାରୀ ବନ୍ୟ ସଂରକ୍ଷକ, ରାୟଗଡ଼ା ବନ୍ୟ ଡିଭିଜନ, ରାୟଗଡ଼ା, ଦୂରଭାଷ: ୯୪୩୭୨୫୭୧୨୩)**

## ନବଉତ୍କଳର ନିର୍ମାତା ଡଃ ହରେକୃଷ୍ଣ ମହତାବଙ୍କୁ ଭାରତରତ୍ନ ଦିଆଯାଉ



ଭୁବନେଶ୍ୱର (ପିଏନ୍): ମହତାବ ଏକାଡେମୀ, ଓଡିଶା ପକ୍ଷରୁ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ, ଓଡିଶା ଗଠନର ପ୍ରମୁଖ ବିନ୍ଧାଣୀ, ପୂର୍ବତନ ରାଜ୍ୟପାଳ ତଥା ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବଙ୍କ ୧୨୦ତମ ଜୟନ୍ତୀ ଉତ୍ସବ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ମିଡ଼ିଆ ଏକାଡେମୀ ସଭାଗୃହରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି କହିଲେ ଯେ, ଓଡିଶାର ଇତିହାସକୁ ଯଦି ଆମେ ତନ୍ନତନ୍ନ କରି ତର୍ଜମା କରିବା ତେବେ ନବଉତ୍କଳର ନିର୍ମାତା ଯେ ଡଃ ହରେକୃଷ୍ଣ ମହତାବ ଥିଲେ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଏଭଳି ଜଣେ ଓଡିଶାର ମହାନ ଜନନାୟକଙ୍କୁ ଆଜି ପର୍ଯ୍ୟନ୍ତ ଭାରତରତ୍ନ ମିଳିପାରିଲା ନାହିଁ। ଏଥିପାଇଁ ଓଡିଶାର ନୂତନ ଯୁବପିଢ଼ୀ ଭାରତ ସରକାରଙ୍କ ଠାରେ ଦୃଢ଼ ଦାବି କରିବାକୁ ସେ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାମ୍ବାଦିକ ତଥା ସାହିତ୍ୟିକ ବସନ୍ତ ଦାସ କହିଲେ ଯେ, ଓଡିଶାର ସ୍ୱାଧିନତା ସଂଗ୍ରାମ, ସାହିତ୍ୟ, ସଂସ୍କୃତି ଓ ସାମାଜିକ ଚଳଣୀରେ ଡଃ ହରେକୃଷ୍ଣ ମହତାବଙ୍କ ଅବଦାନ ଅନନ୍ୟ। ସ୍ୱାଧିନତା ସଂଗ୍ରାମ ସମୟରେ ତାଙ୍କର ନେତୃତ୍ୱ ଭାରତବର୍ଷର ନେତୃବୃନ୍ଦଙ୍କୁ ଚମକାଇ ଦେଉଥିଲା। ଓଡିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିଯାଇଛନ୍ତି। ତାଙ୍କର ଅବଦାନ ଓଡିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଅନ୍ୟତମ ଅତିଥି ମହାବୋଧି ସୋସାଇଟିର ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର କହିଲେ ଯେ, ଆଜି ଯେଉଁ ଭୁବନେଶ୍ୱରକୁ ନେଇ ଆମେ ଗର୍ବ କରୁଛେ, ଏହା ଡଃ ମହତାବଙ୍କର ଦୂରଦୃଷ୍ଟିର ଏକ ଜ୍ୱଳନ୍ତ ପ୍ରମାଣ। ଏହି ଅବସରରେ ମୁଖ୍ୟ ଅତିଥି ଡଃ ବିମଳେନ୍ଦୁ ମହାନ୍ତି ବିଶିଷ୍ଟ ସମାଜସେବୀ ପାରେଶ୍ୱର ଖଣ୍ଡାୟତରାୟଙ୍କୁ 'ମହତାବ ସମ୍ମାନ-୨୦୧୯' ପ୍ରଦାନ କରିଥିଲେ। ଶେଷରେ ସୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




# କିସ୍‌କୁ ୧୧ ଲକ୍ଷ ଟଙ୍କା ଦାନ କଲେ ଅମିତାଭ ବଚ୍ଚନ



ଭୁବନେଶ୍ୱର, (ପିଏନ) : କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟରେ ଅଭିଭୂତ ହୋଇ କିସ୍‌କୁ ସହାୟତାର ହାତ ବଢ଼ାଇଛନ୍ତି ବିଗ୍ ବି ଅମିତାଭ ବଚ୍ଚନ। ଅମିତାଭ କିସ୍‌କୁ ୧୧ଲକ୍ଷ ଟଙ୍କା ଦାନ କରିଛନ୍ତି। ଗତ ୧୫ତାରିଖ କୌନ ବନେଗା କରୋଡ଼ପତିର କର୍ମବୀର ଶୋ'ରେ ଅମିତାଭଙ୍କ ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସାକ୍ଷାତ ହେବା ପରେ କିସ୍ ମାଧ୍ୟମରେ ଶ୍ରୀ ସାମନ୍ତ ଜନଜାତି ପିଲାଙ୍କ ପାଇଁ ଏତେ ସବୁ କାର୍ଯ୍ୟ କରୁଥିବା ଜାଣିବାକୁ ପାଇଥିଲେ। ଏହି ଶୋ ଜରିଆରେ ଅମିତାଭ ଅଚ୍ୟୁତ ସାମନ୍ତଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ସଂପର୍କରେ ଜାଣିବାକୁ ପାଇଥିଲେ। ବହୁ ସଂଘର୍ଷ ଓ ଘାତ ପ୍ରତିଘାତ ମଧ୍ୟରେ ବଢ଼ି ଅଚ୍ୟୁତ ହଜାର ହଜାର ଜନଜାତି ପିଲାମାନଙ୍କୁ କିସ୍‌ରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଜୀବନଜୀବିକା ନିଶ୍ଚିତ କରାଇ ପାରିଛନ୍ତି ଜାଣି ଅମିତାଭ ଅଭିଭୂତ ହୋଇପଡ଼ିଥିଲେ। ଅଚ୍ୟୁତଙ୍କ କାର୍ଯ୍ୟ ପ୍ରକୃତରେ ପ୍ରେରଣାଦାୟୀ ବୋଲି ସେ କହିଛନ୍ତି। ଅଚ୍ୟୁତଙ୍କ ଏଭଳି ଉଦାହରଣ ମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ସହଯୋଗର ହାତ ବଢ଼ାଇଛନ୍ତି ଅମିତାଭ। ଏହି ଶୋ ସମୟରେ ସେ କିସ୍ ମାଧ୍ୟମରେ ହେଉଥିବା ବିଭିନ୍ନ କାର୍ଯ୍ୟ ସଂପର୍କରେ ଅବଗତ ହେବା ପରେ କିସ୍‌କୁ ନିଜ ବ୍ୟକ୍ତିଗତ ପାଣ୍ଠିରୁ ସହାୟତା ପ୍ରଦାନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହି ପ୍ରତିଶ୍ରୁତି ରକ୍ଷା କରି ବିଗ୍ ବି ଅମିତାଭ ବଚ୍ଚନ କିସ୍‌କୁ ୧୧ ଲକ୍ଷ ଟଙ୍କା ଦାନ କରିଛନ୍ତି। ଆଜି ଏହି ୧୧ଲକ୍ଷ ଟଙ୍କାର ଡ୍ରାଫ୍ଟ କିସ୍‌ରେ ପହଞ୍ଚିଛି। ଅମିତାଭ ବଚ୍ଚନଙ୍କ ଏହି ମହାନତା ପାଇଁ ଶ୍ରୀ ସାମନ୍ତ ତାଙ୍କୁ କୃତଜ୍ଞତା ଜଣାଇବା ସହ କିସ୍‌ର ୩୦ ହଜାର ଜନଜାତି ଛାତ୍ରଛାତ୍ରୀଙ୍କ ଶୁଭେଚ୍ଛା ସର୍ବଦା ଅମିତାଭଙ୍କ ରହିବ ବୋଲି କହିଛନ୍ତି।

# ସରସ୍ୱତି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ



ଚଣ୍ଡିଖୋଲ, ୨୩/୧୧ (ପିଏନ)- ବଡ଼ଚଣା ଶିକ୍ଷା ମଣ୍ଡଳ ଅଧିନସ୍ଥ ଧାନ ମଣ୍ଡଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାକୁ ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ଶୁକ୍ଳ ଉଦଘାଟନ କରି ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ବାର୍ଷିକ କ୍ରିଡ଼ା ଉତ୍ସବ ଆୟୋଜନ ପିଲାମାନଙ୍କ ଭିତରେ ଥିବା ଲୁକାୟୀତ ପ୍ରତିଭାକୁ ବିକଶିତ କରିବା ସହିତ ପିଲା ମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ବୃଦ୍ଧି କରେ ବୋଲି ମୂଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ସଂପାଦକ ବିଭାସ ଚନ୍ଦ୍ର ନନ୍ଦ, ପରିଚାଳନା କମିଟି ସଦସ୍ୟ ବାସୁଦେବ ଦାସ, ଯୁଗ୍ମ ସଂପାଦକ ରଶ୍ମିରେଖା ବଳ ସାମନ୍ତରାୟ, କୋଷାଧକ୍ଷ କାହ୍ନୁଚରଣ ନାୟ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ମାନଗୋବିନ୍ଦ ପ୍ରଧାନ, କ୍ରୀଡ଼ା ପ୍ରମୁଖ ଅଜୟ କୁମାର ନାୟକ, ସହ ପ୍ରଧାନ ଆଚାର୍ଯ୍ୟା ଗୀତାଞ୍ଜଳୀ ଜେନା, ଗାୟତ୍ରୀ ପୃଷ୍ଟି, ରଶ୍ମିରେଖା ସୁଜାତା ଶତପଥି, ମିନାକ୍ଷୀ ସାହୁ, ପିଙ୍କି ରାଉତ, କବିତା ମଞ୍ଜରୀ ଜେନା, ପ୍ରଶାନ୍ତ ରାଉତ, ରାଜଶ୍ରୀ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିଲ୍ଲାସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା



କେନ୍ଦୁଝର(ପିଏନ): ଗୁରୁବାର ଠାରୁ ଆନନ୍ଦପୁର ଠାରେ ୧୭ବର୍ଷରୁ କମ୍ ୪୨ତମ ଜିଲ୍ଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଜିଲ୍ଲା ବିଦ୍ୟାଳୟ କ୍ରୀଡା ସଂଗଠନ ଆୟୋଜନରେ ଆନୁଷ୍ଠାନିକ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଆନନ୍ଦପୁର ଷ୍ଟାଡିୟମ୍ ପଡିଆ ଠାରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡା ପତାକା ଉତୋଳନ କରି ଉଦ୍‌ଘାଟନ କରିଥିଲେ। ପରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆସିଥିବା ଖେଳାଳୀ ମାନଙ୍କ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରି ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ବିଇଓ ଶରତ ଚନ୍ଦ୍ର ରାଉତ, କେନ୍ଦ୍ରୀୟ ବିଦ୍ୟାଳୟର ଅ୍ଧକ୍ଷ ସୁଶାନ୍ତ ସେଠୀ, ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ଅଧକ୍ଷ ଦିଲ୍ଲୀପ ମିଶ୍ର, ଆନନ୍ଦପୁର ବାର ଆସୋସିଏସନ୍ ସଭାପତି ସଞ୍ଜୟ କୁମାର ମିଶ୍ର, ଘଷିପୁରା ଏବିଓ ମନମୋହନ ସାମଲ, ଆନନ୍ଦପୁର ଏବିଓ ଚତୁର୍ଭୁଜ ପହୀ, ବ୍ରଜବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତନୁ ମିଶ୍ର, ଆନନ୍ଦପୁର ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରଧାପକ ଡ. ଶକ୍ତି ପ୍ରସାଦ ମହାପାତ୍ର, କ୍ରୀଡା ଶିକ୍ଷା ନିରୀକ୍ଷକ ସର୍ଦ୍ଦାର ବାରିକ୍ ଓ ଚିନ୍ତାମଣି ଜେନା ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ମୋଟ୍ ୧୩ଟି ବ୍ଲକରୁ ୧୫୬ଜଣ ଖେଳାଳୀଙ୍କୁ ଷ୍ଟାଡିୟମ୍ ପଡିଆ କ୍ଷେତ୍ରମୋହନ ବିଦ୍ୟାପୀଠ ଖେଳପଡିଆ ଓ ବାରିଗାଁ ହାଇସ୍କୁଲ ଖେଳ ପଡିଆ ଠାରେ ପ୍ରତିଯୋଗିତା କରାଯାଇଥିଲା। ଖେଳ ଶିକ୍ଷକ ସୁବାଷ ପଣ୍ଡା, ନିରଞ୍ଜନ ଚକ୍ର, ସୁରେଶ ଭୂୟାଁ, ଦେବାଶିଷ ରାଉତ, ପ୍ରାଣନାଥ ଜେନା, ସୌମ୍ୟରଞ୍ଜନ ସାହୁ, ଦେବୀପ୍ରସାଦ ପଣ୍ଡା, ଶାନ୍ତନୁ ରାଉତ, ସଂଗ୍ରାମ କିସ୍କୁ, ପ୍ରମୋଦ ପଣ୍ଡା, ଗୋପବନ୍ଧୁ ମହାନ୍ତ, ସଚୀନଦେବ ରାଉତ, ରଞ୍ଜନ ମହାନ୍ତ, ଲିଙ୍ଗରାଜ ରାଉତ, ପଦ୍ମନାଭ ସାମଲ, ଉମାଶଙ୍କର ରାଉତରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆରମ୍ଭରେ ଆନନ୍ଦପୁର ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

# ଅପୋସା ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ "ମହକ"ପ୍ରତିଯୋଗିତା

ଭୁବନେଶ୍ୱର(ପିଏନ) : ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କସ୍ତୁରିବା ଆଶ୍ରମ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଅଲ ଓଡିଶା ପ୍ରାଇଭେଟ ସ୍କୁଲ ଆସୋସିଏସନ୍ (ଅପୋସା), ଭୁବନେଶ୍ୱର ଜିଲ୍ଲା ସ୍ତରୀୟ "ମହକ"ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମଖ୍ୟ ଅତିଥି ଶ୍ରୀ ସତ୍ୟନାରାୟଣ ମିଶ୍ର,ଅପେସା ରାଜ୍ୟ ସଭାପତି ପ୍ରଦୀପ ପ୍ରଜ୍ଜଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ରୂପେ ରାଜ୍ୟ ସଂଗଠନର ମୁଖ୍ୟ ଉପଦେଷ୍ଟା ଅଜିତ କୁମାର ଦାଶ,ଉପସଭାପତି-ରମାବଲ୍ଲଭ ପରିଡା,ସହ ସମ୍ପାଦକ ସୁରେନ୍ଦ୍ର କୁମାର ଖୁଡିଆ, ମଙ୍ଗୁଳି ଚରଣ ମହାନ୍ତି,ଶିଶିର କୁମାର ରାଉତରାୟ,ପ୍ରମୁଖ ବହୁ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇ ଛାତ୍ରଛାତ୍ରୀ ଉପସ୍ଥିତ ଅଂଶ ଅଭିଭାବକମାନଙ୍କୁ ନିଜ ବ୍ୟକ୍ତବ୍ୟରେ କହିଥିଲେ। ଏହି "ମହକ"ଉତ୍ସବ ଦ୍ୱାରା ଜିଲ୍ଲାର ଘରୋଇ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ଛାତ୍ରଛାତ୍ରୀ ନିଜ ନିଜ ପ୍ରତିଭା ଅନ୍ତର୍ନିହିତ ଗୁ ର ବିକାଶ କରିବା ପାଇଁ "ମହକ" କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି ସଭାରେ ନିଜ ବକ୍ତୃତାରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ୨୦୦ରୁ ଉର୍ଦ୍ଧ ଘରୋଇ ବିଦ୍ୟାଳୟର ଏକ ହଜାର ଛାତ୍ରଛାତ୍ରୀମାନେ ଆଧୁନିକ ନୃତ୍ୟ ଓ ଓଡିଶା ନୃତ୍ୟ ତଥା ଚିତ୍ରକଳା,ଇଂରାଜୀ,ଓଡିଆ ଓ ହିନ୍ଦି ହସ୍ତାକ୍ଷର ଏବଂ ଓଡିଆ,ହିନ୍ଦି ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିବା ପାଇଁ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଅଂଶ ଗ୍ରହଣ କରି ସମସ୍ତ ପ୍ରତିଯୋଗିତାକୁ ଅତି ସୁଚାରୁ ଭାବରେ ପରିଚାଳନା କରିଥିଲେ। ସରସ୍ୱତୀ ବିଦ୍ୟାଳୟର ସମ୍ପାଦକ କାହ୍ନୁ ଚରଣ ମହାକୁଡ଼ କର୍ମକର୍ତ୍ତା ,ପରିଚାଳନା ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ପାଇଁ ଜିଲ୍ଲାସ୍ତରୀୟ ବିଶିଷ୍ଟ ଶିକ୍ଷାବିତ୍ , ନୃତ୍ୟ ବିଶାରଦ,ସଂଗୀତ ବିଶାରଦ୍‌ମାନଙ୍କୁ ବିଚାରକ ଦାୟିତ୍ୱ ନେଇ ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ନିରପେକ୍ଷ ସମୀକ୍ଷା କରିଥିଲେ। ସୁଧାଂଶୁ କୁମାର ବଳିୟାରସିଂହ, ନିହାରିକା ମହାନ୍ତୀ ପ୍ରମୁଖ ସଂଘର ବରିଷ୍ଠ କର୍ମକର୍ତ୍ତା ଅଂଶ ଗ୍ରହଣ କରି ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ସଂଘର ଜିଲ୍ଲା ସଭାପତି ଶ୍ରୀ ବସନ୍ତ କୁମାର ବେହେରା, ଛାତ୍ରଛାତ୍ରୀ ଅଭିଭାବକ, ଶିକ୍ଷକଶିକ୍ଷୟତ୍ରୀ ଏବଂ ସମସ୍ତ କର୍ମକର୍ତ୍ତା "ମହକ"କାର୍ଯ୍ୟକ୍ରମ ପୂର୍ଣ୍ଣ ସହଯୋଗ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଡିସେମ୍ବର ୧ ତାରିଖ ରାଜ୍ୟସ୍ତରୀୟ "ମହକ" ପ୍ରତିଯୋଗିତାର ଭୁବନେଶ୍ୱର ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ର, କାନନ୍ ବିହାର, ପଟିଆରେ ଅଂଶ ଗ୍ରହଣ କରିବାକୁ ସୁଯୋଗ ଦିଆଯିବ ବୋଲି ଅପୋସାର ଜିଲ୍ଲା ସଭାପତି ଶ୍ରୀ ବସନ୍ତ କୁମାର ବେହେରା ପ୍ରକାଶ କରିଛନ୍ତି।

# ଅଧିକ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରିବାକୁ ପ୍ରସ୍ତାବ ନାହିଁ

ଭୁବନେଶ୍ୱର, (ପିଏନ)- ସମ୍ବଳକୁ ଦୃଷ୍ଟିରେ ରଖି ନୂତନ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରା ଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ବିଧାନସଭାରେ ସୂଚନା ଦେଇଛନ୍ତି। ତେବେ ଉପକୂଳବର୍ତୀ ଜିଲ୍ଲା ମାନଙ୍କରେ ଅଧିକ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରିବାକୁ ସରକାରଙ୍କର ପ୍ରସ୍ତାବ ନାହିଁ ବୋଲି ସେ କହିଛନ୍ତି। ସଭ୍ୟ ଶ୍ରୀ ଅନନ୍ତ ଦାସ, ସୁରେଶ କୁମାର ରାଉତରାୟ, ପ୍ରଶାନ୍ତ ମୁଦୁଲି, ବିଷ୍ଣୁ ସେଠୀ ଓ ବିଷ୍ଣୁପଦ ରାଉତରାୟ, ନରସିଂହ ମିଶ୍ର, ପ୍ରଦୀପ ମହାରଥୀ, ଅତନୁ ସବ୍ୟସାଚୀ ନାୟକ, ଜୟନ୍ତ ଷଡଙ୍ଗୀଙ୍କ ମୂଳ ଓ ଅତିରିକ୍ତ ପ୍ରଶ୍ନର ଉତର ଦେଇ ଓଡିଶାର ଛଅ ଗୋଟି ଉପକୂଳ ଜିଲ୍ଲା ବାଲେଶ୍ୱର, ଭଦ୍ରକ, ପୁରୀ ଗଂଜାମ, କେନ୍ଦ୍ରାପଡା , ଜଗତସିଂହପୁର ଓ ଚିଲିକା ସଂଲଗ୍ନ ନୟାଗଡ ଓ ଖୋର୍ଧାରେ ଓସଡମା ଦ୍ୱାରା ମୋଟ ୬୯୪ ଗୋଟି ବହୁ ମୁଖୀ ବାତ୍ୟା ବନ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରାଯାଇଛି। ଏହା ବ୍ୟତୀତ ଭାରତୀୟ ରେଡକ୍ରସ ସଂସ୍ଥାର ରେଡକ୍ରସ ଶାଖା ଦ୍ୱାରା ୬୫ ଗୋଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି। ଆବଶ୍ୟକତା ଓ ସମ୍ବଳ ଆଧାରରେ ନୂତନ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ପାଇଁ ମନ୍ତ୍ରୀ ଗୃହକୁ ପ୍ରତିଶ୍ରୁତି ଦେଇଥିଲେ। ବହୁ ପୂର୍ବରୁ ନିର୍ମିତ ହୋଇଥିବା ଆଶ୍ରୟ ସ୍ଥଳୀକୁ ରାସ୍ତା ସଂଯୋଗ ନ ଥିବା ସରକାର ଅବଗତ ଅଛନ୍ତି। କେତେ ସଂଖ୍ୟାରେ ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀର ସର୍ଭେ କରା ଯାଇ ରାସ୍ତା ସଂଯୋଗ କରାଯିବ।

# ଗୋବର୍ଦ୍ଧନ ମଠ ମୁଖପାତ୍ରଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

ଭୁବନେଶ୍ୱର, (ପିଏନ)- ପୁରୀ ଗୋବର୍ଦ୍ଧନ ମଠର ମୁଖପାତ୍ର ମନୋଜ ରଥଙ୍କ ବିରୁଦ୍ଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର। ପ୍ରଶ୍ନୋତର କାର୍ଯ୍ୟକ୍ରମ ଶେଷ ହେବା ମାତ୍ରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶ୍ରୀ ମିଶ୍ରଙ୍କୁ କହିବାକୁ ଅନୁମତି ଦେଇଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ହିନ୍ଦୁ ରିଲିଜିୟସ ଏଣ୍ଡାଓମେଂଟ ଆକ୍ଟରେ ସଂଶୋଧନ ସମ୍ପର୍କରେ ଆଲୋଚନା ବେଳେ ସେ ଗୃହରେ ଦେଇଥିବା ବକ୍ତବ୍ୟକୁ ନେଇ ଶଙ୍କରାଚାର୍ଯ୍ୟଙ୍କ ପ୍ରବକ୍ତା ବୋଲି କହୁଥିବା ମନୋଜ ରଥ ଅପମାନଜନକ ବକ୍ତବ୍ୟ ଦେଇଥିବା ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇଛି। ପରୋକ୍ଷ ଭାବେ ଏଥିରେ ତାଙ୍କୁ ଧମକ ଦିଆ ଯାଇଛି। ତେଣୁ ଏହା ଦ୍ୱାରା ତାଙ୍କର ସ୍ୱାଧିକାର ଭଙ୍ଗ ହୋଇଛି। ତେଣୁ ଏହାକୁ ପ୍ରିଭିଲେଜ କମିଟିକୁ ପଠାଇବାକୁ ସେ ଅନୁରୋଧ କରିଥିଲେ। ବାଚସ୍ପତି ଶ୍ରୀ ପାତ୍ର ଏହାକୁ ଅଧ୍ୟୟନ କରି ସାରିବା ପରେ ଏ ସମ୍ପର୍କରେ ନିଷ୍ପତି ଗ୍ରହଣ କରିବେ ବୋଲି କହିଥିଲେ।

# ୧୨୬୮ କୋଟିରେ ସ୍ଥାପନ ହେବ ୨ ଟି ଲୌହ ଭିତିକ ଶିଳ୍ପ

ଭୁବନେଶ୍ୱର, (ପିଏନ)- ମୟୂରଭଂଜ ଜିଲ୍ଲାରେ ଅଦ୍ୟାବଧି ରାଜ୍ୟସ୍ତରୀୟ ଏକିକୃତ ନିର୍ଗମନ କର୍ତୃପକ୍ଷଙ୍କ ମାଧ୍ୟମରେ ୧୨୬୮.୮୦ କୋଟି ଟଙ୍କାର ପୁଂଜି ନିବେଶରେ ୨ ଟି ଲୌହ ଭିତିକ ଶିଳ୍ପ ସ୍ଥାପନ ପାଇଁ ଅନୁମତି ଦିଆଯାଇଛି। ସେଗୁଡିକ ହେଲା ଜିଏମ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ , କରଂଜିଆ ତହସିଲ ଅନ୍ତର୍ଗତ ଧଅକୋଟା ଏବଂ ରାଇରଙ୍ଗପୁରରେ ନେପାଚ ବି ସି ଡାଗ୍ରା ଷ୍ଟିଲସ୍ ପ୍ରାଇଭେଟ୍ ଲିମିଟେଡ୍ ।ଏହ ବ୍ୟତୀତ ମୟୂରଭଂଜ ଜିଲ୍ଲାରେ ଲୌହ ଭିତିକ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ନିବେଶକ ଆଗ୍ରହ ପ୍ରକାଶ କଲେ ଏହି ପ୍ରସ୍ତାବ ଉପରେ ବିଚାର କରାଯିବ ବୋଲି ଶିଳ୍ପ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ପ୍ରକାଶ କରିଛନ୍ତି। ବିଧାୟକ ରାଜକିଶୋର ଦାସ , ଭାସ୍କର ମଢେଇ ଙ୍କ ମୂଳ ଓ ଅତିରିକ୍ତ ପ୍ରଶ୍ନ ର ଉତର ଦେଇ ମନ୍ତ୍ରୀ ଏହା କହିଛନ୍ତି।

# ହୋଲି ଜେସସ ସ୍କୁଲରେ ରକ୍ତଦାନ ଶିବିର ଅନୁଷ୍ଠିତ



ଚଣ୍ଡିଖୋଲ, ୨୩/୧୧ (ପିଏନ)- ବଡ଼ଚଣା ଶିକ୍ଷାମଣ୍ଡଳ ଅଧିନସ୍ଥ ଧାନ ମଣ୍ଡଳ ସ୍ଥିତ ହୋଲି ଜେସସ ସ୍କୁଲ ଠାରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ବୀଣାପାଣୀ କଳାପୀଠର ଅଧକ୍ଷ ବିପିନ ବିହାରୀ ସ୍ୱାଇଁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଅଧକ୍ଷା କାମିନୀ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ସମ୍ମାନୀତ ଅତିଥି ଭାବେ ବନପାଳ ଶଶୀକାନ୍ତ ବେହେରା ଯୋଗ ଦେଇ ରକ୍ତ ଦାନ ମହତ ଦାନ ରକ୍ତ ଦାନ ଦ୍ୱାରା ଅନ୍ୟର ଜୀବନ ବଞ୍ଚାଇଲା ପରି ମହତ କାର୍ଯ୍ୟ ଆଉ କିଛି ହୋଇନପାରେ ବୋଲି କହିବା ସହିତ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ୩୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଯାଜପୁର ରେଡ଼ କ୍ରସ ସୋସାଇଟି ପକ୍ଷରୁ ରକ୍ତ ଗ୍ରହଣ କରାଯାଇଥିଲା। ଏହି ଶିବିରକୁ ବରିଷ୍ଠ ସାମ୍ବାଦିକ ଭକ୍ତ ଚରଣ ସାହୁ ଓ ଯୁବ ସମାଜ ସେବୀ ଦେବାଶିଷ ନାୟକ ଶିବିରକୁ ପରିଚାଳନା କରିଥିଲେ। ସୁବାସିନୀ ମହାନ୍ତି, ସଂଜୟ ରାଉତ, ସ୍ମୃତି ପଟନାୟକ, ବିଶ୍ୱନାଥ ବେହେରା, ଲକ୍ଷ୍ମିପ୍ରିୟା ଦାସ, ଦୀପମାଳା ପାରିକ, ସୁଜାତା ରାଓ, କାଦମ୍ବିନୀ ନାୟକ, ପ୍ରିୟଙ୍କା ମଲ, କିରଣ ଯାଦବ, ସ୍ୱଗତିକା ଦାସ, ଦିପ୍ତୀମୟୀ ବେହେରା, ଗିତାଞ୍ଜଳୀ ମଲିକ, ସୌସୁମୀ ଦାସ, ସୌଭାଗ୍ୟ ପାଣ୍ଡବ, ପ୍ରଣତୀ ସାହୁ, ଲକ୍ଷ୍ମୀଧର ମଲିକ, ସବିତା ମହାପାତ୍ର. କୋମଳ ପାଟୁଡିଆ, ଇପ୍ସିତା ଖଟୁଆ ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସର ଗଣବିକ୍ଷୋଭ



କେନ୍ଦୁଝର(ପିଏନ) : କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ଅପାରଗତା ଓ ଆକାଶଛୁଆଁ ଦରଦାମ୍ ଆଦିକୁ ନଜରରେ ରଖି ଆଜି ଜିଲ୍ଲା କଂଗ୍ରେସ ତରଫରୁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆର୍ଥନୀତିର ଚରମ ମାନ୍ଦାବସ୍ଥା, ଖାଦ୍ୟ ପଦାର୍ଥ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଆକାଶ ଛୁଆଁ ମୂଲ୍ୟ ବୃଦ୍ଧି, ବେକାରୀ ସମସ୍ୟା ଓ ନିଯୁକ୍ତି କାଟ୍ ଆଦି ସମସ୍ୟା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଜିଲ୍ଲା କଂଗ୍ରେସ କମିଟି କଂଗ୍ରେସ ଭବନରୁ ଏକ ରାଲି ବାହାରି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଆଲୋକ ମିଶ୍ର ତାଙ୍କ ଅଭିଭାଷଣରେ ରାଜ୍ୟରେ ଦୀର୍ଘଦିନ ଶାସନ କାଳରେ ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧି ପାଇଥିବା ବେଳେ ଅନେକ କର୍ମଚାରୀଙ୍କୁ ଛଟେଇ କରିଥିବା ସହ ସରକାର ନିଜର ମନମାନୀ ଚଳାଉଥିବା କଥା କହିଥିବା ବେଳେ କେନ୍ଦ୍ରରେ ବିଜେପି ସରକାର ସୟମରେ ଅର୍ଥନୀତିର ମାନ୍ଦାବସ୍ଥା ଚରମ ସୀମାରେ ପହଂଚିବା ଫଳରେ ସବୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ଆକାଶ ଛୁଆ ହେବା ଫଳରେ ସାଧାରଣ ଜନତା ଏହାକୁ କୁପରିଣାମ ଭୋଗିବା ପାଇଁ ପଡୁଥିବା ଦର୍ଶାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିଲେ।

# ରାମ ଜନ୍ମଭୂମି ଓ ବାବ୍ରି ମସ୍‌ଜିଦ୍ ସମସ୍ୟାର ଚୂଡ଼ାନ୍ତ ରାୟ

**ତପନ କୁମାର ନନ୍ଦ**

ସମ୍ପ୍ରତି ବହୁ ଚର୍ଚ୍ଚିତ ରାମ ଜନ୍ମଭୂମି ଏବଂ ବାବ୍ରୀ ମସ୍‌ଜିଦ୍ ମୋକଦ୍ଦମା ସନ୍ଦର୍ଭରେ ଅଧିକାଂଶ ମୁସ୍‌ଲିମ୍ ଅନୁଷ୍ଠାନ ମାନଙ୍କର ସୁପ୍ରିମକୋର୍ଟର ନିଷ୍ପତ୍ତିକୁ ସମ୍ମାନ ଜଣାଇବା ଏବଂ ଯେ କୌଣସି ପରିସ୍ଥିତିରେ ଦେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ରକ୍ଷା କରିବା ନିଷ୍ପତ୍ତି ଖୁବ୍ ପ୍ରଶଂସନୀୟ। ଅନେକ ହିନ୍ଦୁ ଓ ମୁସଲିମ୍ ବିଦ୍ୱାନ ମାନେ ମୋକଦ୍ଦମା ସମ୍ବନ୍ଧରେ କୋର୍ଟ ବାହାରେ ବହୁ ଦିନ ଧରି ଚାଲିଥିବା ଏହି ଜଟିଳ ସମସ୍ୟାର ସମାଧାନ ପାଇଁ ସର୍ବଦା ଚେଷ୍ଟା କରୁଥିଲେ। ଏହି ପରିପ୍ରେକ୍ଷୀରେ ଦେଶର ଶାନ୍ତି ବଜାୟ ରଖିବା ପାଇଁ ଅନେକ ମୁସ୍‌ଲିମ୍ ବୁଦ୍ଧିଜୀବିମାନେ ଏହି ଜମିକୁ ହିନ୍ଦୁ ମାନଙ୍କୁ ଦେବା ପାଇଁ ସ୍ଥିର କରିଥିଲେ ଏବଂ ପ୍ରାୟ ସବୁ ମୁସ୍‌ଲିମ୍ ଅନୁଷ୍ଠାନ ଗୁଡ଼ି ରାମ ଜନ୍ମଭୂମି ଏବଂ ବାବ୍ରୀ ମସଜିଦ୍ ସମ୍ବନ୍ଧରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବାକୁ ଶପଥପାଠ କରିଥିଲେ।

ହେଲେ ବର୍ତ୍ତମାନ ଭାତରର ସର୍ବୋଚ୍ଚ କୋର୍ଟରେ ନିଆଯାଇଥିବା ନିଷ୍ପତ୍ତି ଯାହାକି ପ୍ରାୟ ପାଞ୍ଚ ଦଶନ୍ଧି ଧରି ଛିଡ଼ା ହୋଇଥିବା ଅଯୋଧ୍ୟା ଜମିକୁ ହିନ୍ଦୁଙ୍କୁ ଦେବା ଦ୍ୱାରା କେତେକ ସୁନ୍ନି ମୁସ୍‌ଲିମ୍ ସମ୍ପ୍ରଦାୟର ଧର୍ମ ଯାଜକ ଏବଂ ନେତାମାନେ ଏଥିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତାଙ୍କ ମତରେ ଯଦି ସେମାନେ ସୁପ୍ରିମକୋର୍ଟର ଏହି ନିଷ୍ପତ୍ତିକୁ ସମ୍ମାନ ଦିଅନ୍ତି ତେବେ ଏହା ବାସ୍ତବତା ଉପରେ ବିଶ୍ୱାସକୁ ପ୍ରଧାନ୍ୟ ଦେବା ଭଳି ଏକ ପଦକ୍ଷେପ ହେବ ଏବଂ ନ୍ୟାୟପାଳିକାର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବ। ପୁନଶ୍ଚ ଏହି ରାୟ ଆସିବା ପୂର୍ବରୁ "ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ମଜଲିସ୍-ଏ-ମୁଶଓ୍ୱାରାତ' (ଇଓଗଗଗ), ମୁମ୍ବାଇର ରାଜା ଏକାଡେମୀ, ଅଞ୍ଜୁମନ-ଏ-ଇସଲାମ୍, 'ଜମାତ୍-ଏ-ଇସ୍‌ଲାମ' (JIH), ହଜରତ୍ ନିଜାମୁଦ୍ଦିନ୍ ଆଉଲିୟା ଦରଗାହ୍‌ର ତତ୍ତ୍ୱାବଧାରକ ଗଣ ଏବଂ ଦେଶର ପ୍ରମୁଖ ହିନ୍ଦୁ ସଂଗଠନର ନେତାମାନେ ଭାରତର ଜାତୀୟ ସୁରକ୍ଷା ଉପଦେଷ୍ଟା ଶ୍ରୀ ଅଜିତ୍ ଡୋଭାଲ୍‌ଙ୍କ ସହ ତାଙ୍କ ବାସ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ଡୋଭାଲ୍, ପ୍ରମୁଖ ମୁସଲିମ୍ ନେତାଗଣ ଏବଂ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟମାନେ ଆଶଙ୍କା ପ୍ରକାଶ କରିଥିଲେ ଯେ କିଛି ଦେଶ ବିରୋଧି ତତ୍ତ୍ୱ ଉଭୟ ଦେଶ ଭିତରେ ଏବଂ ବାହାରେ ଯେଉଁମାନେ ଦେଶର ହିତକୁ କ୍ଷତି ପହଞ୍ଚାଇବାକୁ ସର୍ବଦା ଚେଷ୍ଟାରତ, ଏହି ଜଟିଳ ପରିସ୍ଥିତିରୁ ଫାଇଦା ଉଠାଇବା ପାଇଁ ଉଦ୍ୟମ କରିବେ। ସେମାନେ ଅନୁଭବ କରିଥିଲେ ଯେ, ଯଦ୍ୟପି ଏହି ନିଷ୍ପତ୍ତି ମୁସ୍‌ଲିମ୍ ସପକ୍ଷରେ ହୋଇଥାନ୍ତା, ତେବେ ମଧ୍ୟ ଆମ ଭାରତୀୟ ସମାଜରେ ରହିଥିବା କେତେକ ତତ୍ତ୍ୱ ନିଜର ସ୍ୱାର୍ଥ ପାଇଁ ରାଜନୈତିକ ସତ୍ତା ଏବଂ ସାମ୍ପ୍ରଦାୟିକ ଉତ୍ତେଜନାକୁ ବଢ଼ାଇବା ପାଇଁ କୌଣସି ନା କୌଣସି ଷଡ଼ଯନ୍ତ୍ର କରିଥାନ୍ତେ। ସେଥିପାଇଁ ଏହି ସଭାରେ ଉପସ୍ଥିତ ସମସ୍ତ ଧାର୍ମିକ ନେତାମାନେ ଶୀର୍ଷକୋର୍ଟର ନିଷ୍ପତ୍ତିକୁ ମାନିବାକୁ ସଙ୍କଳ୍ପବଦ୍ଧ ହୋଇଥିଲେ। ହେଲେ ଜମ୍ମିୟତ ଉଲାମା-ଏ-ହିନ୍ଦ(JUH)ଏକ ବୃହତ୍ତ ମୁସଲିମ୍ ଅନୁଷ୍ଠାନ ଏଥିରେ ବିରୋଧ କରିଥବଲେ ଏବଂ ଏହାକୁ ଅନ୍ୟାୟ ତଥା 'ସତ୍ୟ ଏବଂ ପ୍ରମାଣର ଘୋର ଉପେକ୍ଷା' ବୋଲି ମନ୍ତବ୍ୟ ଦେଇଥିଲେ ଏବଂ ନିଜ ସମ୍ପ୍ରଦାୟର ସୁରକ୍ଷା ପାଇଁ କେନ୍ଦ୍ରକୁ ପାରା ମିଲିଟାରୀ ଫୋର୍ସ ମୁତୟନ ପାଇଁ ଦାବି କରିଥିଲେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ଏହି ସଙ୍ଗଠନ (JUH) ମଧ୍ୟ ପୂର୍ବରୁ ସୁପ୍ରିମକୋର୍ଟର ନିଷ୍ପତ୍ତିକୁ ସମ୍ମାନ ଦେବା ପାଇଁ ଆହ୍ୱାନ କରିଥିଲେ।

ଏହି ଭଳି ଭାବେ ଅଯୋଧ୍ୟା ସମ୍ବନ୍ଧୀୟ ଭାରତୀୟ ମୁସ୍‌ଲିମ୍ ନେତାଙ୍କ ଦ୍ୱିପାକ୍ଷିକ ବିଚାରଧାରା ଆବିର୍ଭାବ ହୋଇଅଛି। ଗୋଟିଏ ପଟେ ସୁପ୍ରିମକୋର୍ଟର ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ସମ୍ମାନ ଏବଂ ନିଃସର୍ତ୍ତ ସମର୍ଥନ, ଅନ୍ୟ ପଟେ ବିନା ସମୀକ୍ଷାରେ ଏହି ନିଷ୍ପତ୍ତି ଉପରେ ସମ୍ପୂର୍ଣ୍ଣ ଅସନ୍ତୋଷ। ଏହି ନିଷ୍ପତ୍ତି ଅନୁଯାୟୀ ବିରୋଧୀମାନଙ୍କ ମତରେ- ଗୋଟିଏ ନିର୍ମାଣଧୀନ ମସ୍‌ଜିଦ୍ ସର୍ବଦା ଏକ ମସଜିଦ୍, ଏହା ଇଟା ବାଲି ନିର୍ମିତ କେବଳ ଘର ନୁହେଁ। ତାଙ୍କ ପାଇଁ ବାବ୍ରୀ ମସଜିଦ୍ ବର୍ତ୍ତମାନ ଯେଉଁଠାରେ ଅବସ୍ଥିତ ତାହା ଅନନ୍ତକାଳ ପାଇଁ ଚୀର ପବିତ୍ର। ହେଲେ ଏଠାରେ ବିଚାର କରିବାର କଥା ଯେ, କିଭଳି ଏକ ବିବାଦୀୟ ସ୍ଥାନ ଇସ୍‌ଲାମର ଉପସନା ପାଇଁ ଉପଯୁକ୍ତ। ଏହି ବିବାଦ ଇସ୍‌ଲାମିକ୍ ଶାରିଆହ ଦ୍ୱାରା ମଧ୍ୟ ଉଚିତ୍ ମଣାଯାଇ ପାରିବ ନାହିଁ, କାରଣ ଏହା ପାଞ୍ଚଟି ମହତ ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ, ଯାହାର ସର୍ବୋପରି ରହିଛି "ହିଫଜ୍-ଅଲ୍-ନାଫସ୍" ଅର୍ଥାତ 'ଜୀବନର ସୁରକ୍ଷା'।

ଇମାମ୍-ଅଲ୍-ଶାତିଓ୍ୱି ବା ଇସଲାମି ଶାରିଆ ଅନୁଯାୟୀ ଇସ୍‌ଲାମିକ୍ ନିୟମ ଗୁଡ଼ିକ ଇସଲାମର କଲ୍ୟାଣ, ସଫଳତା, ଏଥିରେ ଥିବା କୁପ୍ରଥା ଦୂରୀକରଣ, ଅସତକର୍ମରୁ ନିବୃତ୍ତ ତଥା ସମସ୍ତ ମାନବଜାତି ମାନଙ୍କୁ କ୍ଷତି ବା ଅମଙ୍ଗଳରୁ ରକ୍ଷା କରିବା ଏବଂ ଏହା ପରିସ୍ଥିତି ଅନୁଯାୟୀ ସର୍ବଦା ପରିବର୍ତ୍ତନଶୀଳ ହୋଇଥାଏ। ଯାହା ଫଳରେ ଏହା ଯୁଗାନୁଯୁଗ ପ୍ରତ୍ୟେକ ମୁସଲିମ ଉମାହ୍ ମାନଙ୍କୁ ଇସ୍‌ଲାମରେ ସହଜ ଏବଂ ସାବଲୀଳ ହେବାକୁ ସାହାଯ୍ୟ କରିଥାଏ। ତେଣୁ ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ନିର୍ଦ୍ଧାରିତ ନିଷ୍ପତ୍ତି ବାବ୍ରୀ ମସଜିଦ୍-ରାମ ଜନ୍ମଭୂମି ଯଦ୍ୟପି ଆମ ବିଶ୍ୱାସ କୁହେ ଯେ, ଗୋଟିଏ ମସ୍‌ଜିଦ୍ ସର୍ବଦା ଏକ ମସଜିଦ୍ ହୋଇ ରହିବ। ହେଲେ ଇସଲାମିକ୍ ଶାରିୟା ଅନୁଯାୟୀ ସମସ୍ତ ପ୍ରାଣୀର ମଙ୍ଗଳ, ସୁବିଧା, ସୁରକ୍ଷା ଏବଂ ସାମାଜିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତିକୁ ସମ୍ମାନ ଜଣାଇ ଗ୍ରହଣ କରିବା ଉଚିତ୍। ଯାହା ଫଳରେ ଏତଦ୍ଦ୍ୱାରା ଦୁର୍ନୀତି, ହିଂସା ତଥା ପ୍ରାଣହାନୀକୁ ରୋକାଯାଇ ପାରିବ ଏବଂ ଏହା ଦ୍ୱାରା ଇସଲାମ୍‌ର ପ୍ରକୃତ ଉଦ୍ଦେଶ୍ୟର ପୂର୍ତ୍ତି ହୋଇପାରିବ।

**ଆଙ୍ଗୁଲା, ଯାଜପୁର**

## ପଂଚମ ଶ୍ରାଦ୍ଧ ଦିବସ ଅବସରରେ ସ୍ମୃତି ସମାରୋହ

# ସ୍ୱାଧୀନତା ସଂଗ୍ରାମ ଓ ପରବର୍ତ୍ତୀ ଦେଶ ଗଠନରେ ପୁରୁଷୋତ୍ତମ ନାୟକଙ୍କ ବଳିଷ୍ଠ ଅବଦାନ ଥିଲା

କେନ୍ଦ୍ରାପଡା (ପିଏନ)- ସ୍ୱାଧୀନତା ସଂଗ୍ରାମ ଓ ପରବର୍ତ୍ତୀ ଦେଶ ଗଠନରେ ପୁରୁଷୋତ୍ତମ ନାୟକଙ୍କ ବଳିଷ୍ଠ ଅବଦାନ ଥିଲା। ଜାତିର ଜନକ ମହାତ୍ମାଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପୁରୁଷୋତ୍ତମବାବୁ କେନ୍ଦ୍ରାପଡା ଅଂଚଳରେ ସ୍ୱାଧୀନତା ଆନ୍ଦୋଳନକୁ ବ୍ୟାପକ କରାଇଥିଲେ। ସ୍ୱାଧୀନତା ପରବର୍ତ୍ତୀ କାଳରେ ନିଜ ଅଂଚଳର ବିକାଶ ଏବଂ ଗାନ୍ଧି ଆଦର୍ଶର ପ୍ରଚାର ପ୍ରସାର କ୍ଷେତ୍ରରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କେନ୍ଦ୍ରାପଡାବାସୀ ତାଙ୍କୁ ନେଇ ଗର୍ବିତ ଥିଲେ ଏବଂ ଉତ୍ତର ପିଢୀ ପାଇଁ ସେ ପ୍ରେରଣାଉତ୍ସ ହୋଇ ରହିବେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ପ୍ରାକ୍ତନ ସଭାପତି ସ୍ୱର୍ଗତ ପୁରୁଷୋତ୍ତମ ନାୟକଙ୍କ ୫ମ ପୁଣ୍ୟ ତିଥିରେ ଜନଚେତନା ଭବନରେ ଅନୁଷ୍ଠିତ ସ୍ମୃତିସମାରୋହରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଏହି ମତପୋଷଣ କରିଛନ୍ତି। ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନକୁଳ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସମାରୋହରେ ବିଶିଷ୍ଟ ଶିକ୍ଷାବିତ ପ୍ରାଧ୍ୟାପକ ନନ୍ଦକିଶୋର ପରିଡା,ଅଜୟ କୁମାର ସାମଲ,ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି,ଶିକ୍ଷାବିତ ଡଃ.ବାସୁଦେବ ଦାସ,ବର୍ଷୀୟାନ ଶିକ୍ଷାବିତ ଇଶ୍ୱର ଚନ୍ଦ୍ର ସାହୁ,ସମାଜସେବୀ ଗୋପାଳ ଚନ୍ଦ୍ର ମାହାଲିକ,ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ,ଚିତ୍ତରଞ୍ଜନ ମଲ୍ଲିକ,କରୁଣାକର ଦାସ,ବିଚିତ୍ରାନନ୍ଦ ନାୟକ,କ୍ଷେତ୍ରବାସୀ ସାହୁ,ପଦ୍ମନାଭ ଦାସ,ବିଜୟକେତନ ମିଶ୍ର,ମରୁତ ସ୍ୱାଇଁ,ଅଭିମନ୍ୟୁ ନାୟକ,ଅମୀୟ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସଂଗ୍ରାମୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ସଂଗ୍ରାମୀଙ୍କ ଜୟନ୍ତୀ ପାଳନ ଅବସରରେ ସ୍ମରଣିକା ପ୍ରକାଶନ ନିମନ୍ତେ ଏହି ଅବସରରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସେହିପରି କେନ୍ଦ୍ରାପଡା କଲେଜ ଛକ ଠାରୁ ଡେରାବିଶ ବ୍ଲକ ଦେଇ ଯାଇଥିବା ରାସ୍ତାକୁ ପୁରୁଷୋତ୍ତମ ନାୟକ ମାର୍ଗରେ ନାମିତ କରାଯିବା ପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ସଂଗ୍ରାମୀଙ୍କ ଫଟୋଚିତ୍ରରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା।




# ଶ୍ରୀ ସତ୍ୟସାଇ ସ୍ମରଣମ୍



ପ୍ରାୟ ପାଞ୍ଚ ହଜାର ବର୍ଷରୁ ଅଧିକ ହେଉଛି ଭାରତୀୟ ସଭ୍ୟତା ଓ ସଂସ୍କୃତି। ଭାରତୀୟ ମାନଙ୍କର ଭାଷା, ପୋଷାକ, ଖାଦ୍ୟପେୟ, ଆଚାର, ବ୍ୟବହାର, ଜୀବନଶୈଳୀ, ପରମ୍ପରା, ଉପାସନା ଓ ଧାର୍ମିକ ବିଚାରରେ ବିଭିନ୍ନତା ପରିଲକ୍ଷିତ ହୋଇଥିଲେ ବି ଏହି ବିବିଧତା ମଧ୍ୟରେ ଏକତା ପରିଲକ୍ଷିତ ହୁଏ। ଏହାର କାରଣ ପ୍ରତ୍ୟେକ ଭାରତୀୟ ମଧ୍ୟରେ ତାର ଜ୍ଞାତ ବା ଅଜ୍ଞାତରେ ଆଧ୍ୟାତ୍ମିକତା ରହିଛି। ଏହି ଭାବନାର ଅଭାବ ହେଲେ ବା ଏହି ଚେତନାର କ୍ଷୟ ହେଲେ ଏହାକୁ ଉଜ୍ଜୀବିତ କରିବା ପାଇଁ ଏହି ପବିତ୍ର ଭୂମିରେ ସମୟାନୁକ୍ରମେ ସାଧୁ, ସନ୍ଥ, ସନ୍ନ୍ୟାସି, ଆଧ୍ୟାତ୍ମିକ ଗୁରୁ ବା ସ୍ୱୟଂ ଭଗବାନ ଅବତରଣ କରିଥାନ୍ତି। ସେମାନେ ତାଙ୍କର କାବ୍ୟ, କାର୍ଯ୍ୟ କିମ୍ବା ଚିନ୍ତା ମାଧ୍ୟମରେ ପ୍ରତି ମାନବକୁ ମାଧବ ଆଡ଼କୁ ଯିବା ପାଇଁ ପ୍ରେରଣା ଦିଅନ୍ତି-ପଥ ପ୍ରଦର୍ଶକ ହୁଅନ୍ତି। ଏହି ପରିପ୍ରେକ୍ଷୀରେ ଆନ୍ଧ୍ରପ୍ରଦେଶର ପୁଟ୍ଟପର୍ତ୍ତିରେ ୧୯୨୬ ମସିହାରେ ନଭେମ୍ବର ମାସ ୨୩ ତାରିଖରେ ଅବତରଣ କରିଥିବା ଭଗବାନ ଶ୍ରୀ ସତ୍ୟସାଇଙ୍କର ବିଷୟରେ ଏହି ଲେଖାରେ ବର୍ଣ୍ଣନା କରିବା ପାଇଁ ପ୍ରୟାସ ମାତ୍ର। ଭଗବାନ ବାବା ଯେତେବେଳେ ତାଙ୍କ ମାତୃଗର୍ଭରେ ପ୍ରବେଶ କଲେ ସେବେଠାରୁ ତାଙ୍କର ଧରା ଧାମରେ ଅବତରଣ ହେଲା ପର୍ଯ୍ୟନ୍ତ ରାଜୁ ପରିବାରରେ ବହୁ ଅଲୌକିକ ଲୀଳା ଦୃଷ୍ଟିଗୋଚର ହୋଇଥିଲା। ତାଙ୍କର ଜନ୍ମପରେ ପିତାମାତା ନାମ ରଖିଥିଲେ 'ସତ୍ୟ ନାରାୟଣ'। ଧିରେ ଧିରେ ବଢ଼ିବା ସହିତ ସେ ପ୍ରତ୍ୟେକଙ୍କ ପ୍ରତି ଥିବା ତାଙ୍କର ପ୍ରେମ ଓ କରୁଣା ଦୃଷ୍ଟିଗୋଚର ହେଲା। ତାଙ୍କ ଭିତରେ ଥିବା ପ୍ରତିଭା ଓ ପ୍ରଜ୍ଞାକୁ ଦେଖି ତାଙ୍କର ଖେଳ ସାଥିମାନେ ତାଙ୍କୁ 'ଗୁରୁ' ବୋଲି ସମ୍ବୋଧନ କରିବାକୁ ଲାଗିଲେ। ବୟସ୍କ ବ୍ୟକ୍ତିମାନେ ସତ୍ୟସାଇଙ୍କ ଦ୍ୱାରା ଏତେ ପ୍ରଭାବିତ ହୋଇଗଲେ ଯେ ସେମାନେ ତାଙ୍କୁ 'ବ୍ରହ୍ମଜ୍ଞାନି' ବୋଲି କହିଲେ। ବାବାଙ୍କୁ ଯେତେବେଳେ ୧୪ବର୍ଷ ଓ ଅଷ୍ଟମ ଶ୍ରେଣୀର ଛାତ୍ର ହଠାତ୍ ମେ ମାସ ୨୩ ତାରିଖ ୧୯୪୦ ମସିହାରେ ସେ ନିଜକୁ 'ସାଇବାବା' ବୋଲି ଘୋଷଣା କଲେ। ସେ ମଧ୍ୟ କହିଲେ ତାଙ୍କ କୂଳରେ ଆଗରୁ ଜନ୍ମ ନେଇଥିବା ମୁନି 'ଭେଙ୍କୟାଅବଧୁତ'ଙ୍କ ପ୍ରାର୍ଥନାକୁ ସାକାର ରୂପ ଦେବା ପାଇଁ ସେ ଧରା ଧାମରେ ଅବତରଣ କରିଛନ୍ତି। କିଛି ଲୋକ ଭଗବାନଙ୍କ ଭିତରେ ଥିବା ସେହି ଦୈବୀ ଶକ୍ତିକୁ ଗ୍ରହଣ କରୁଥିଲେ ବି ଅନେକ ଏହା ତାଙ୍କର ପାଗଳପଣିଆ ବା କୌଣସି ଅଶରିରୀ ଦ୍ୱାରା ଆୟତ ହୋଇଛନ୍ତି ବୋଲି କହିବାକୁ ଲାଗିଲେ। ଫଳସ୍ୱରୂପ ବିଶ୍ୱାସ, ଅବିଶ୍ୱାସି ଓ ବହୁ ସମାଲୋଚକ ବାବାଙ୍କୁ ଦେଖିବା ପାଇଁ ପୁଟ୍ଟପର୍ତ୍ତି ଆସିଲେ। ସତ୍ୟସାଇଙ୍କ ସମାଲୋଚକଙ୍କ କଥାରେ ତାଙ୍କର ବଡ଼ଭାଇ ଶ୍ରୀ ଶେସମାରାଜୁ ବ୍ୟସ୍ତ ହୋଇ ପଡ଼ିଲେ ଓ ତାଙ୍କର ସୁରକ୍ଷା ପାଇଁ ଚିନ୍ତାବ୍ୟକ୍ତ କରି ଏକପତ୍ର ଲେଖିଲେ। ସେତେବେଳେ ବାବାଙ୍କ ବୟସ ମାତ୍ର ୨୫ ବର୍ଷ ମାତ୍ର ସେ ଚିଠିର ଉତ୍ତରରେ ବାବା ୨୫ ମେ, ୧୯୪୭ରେ ଅନେକ କଥା ଅବତାରଣ କରିବା ସହିତ ତାଙ୍କର ଦୈବତ୍ୱକୁ ପରିପ୍ରକାଶ ପୂର୍ବକ ଲେଖିଥିଲେ – 'ମୁଁ ଆସିଛି ଦୁଃଖି ମାନଙ୍କର ଦୁଃଖ ଦୂର କରିବା ପାଇଁ...... ଯେ କୌଣସି ବ୍ୟକ୍ତି ଯେ କୌଣସି କୌଶଳ ଯେତେ ସମୟ ଧରି ଅବଲମ୍ବନ କଲେ ମଧ୍ୟ ମୋର ଯଶକୁ ପ୍ରତିହତ କରିପାରିବ ନାହିଁ। ସମୟ ଅତିବାହିତ ହେବା ସହିତ ଭଗବାନ ବାବାଙ୍କର ଆର୍ବିଭାବ ବିଶ୍ୱର ଅଣୁକୋଣରେ ପ୍ରସାରିତ ହୋଇଗଲା। ତେଣୁ ପୁଟ୍ଟପର୍ତ୍ତିକୁ ବହୁ ଲୋକଙ୍କ ଆଗମନ ଫଳରେ ସେମାନଙ୍କର ରହିବା, ଖାଇବା, ସେବା ଓ ଆଧ୍ୟାତ୍ମିକ ବାର୍ତ୍ତାର ପ୍ରଚାର ଓ ପ୍ରସାର ପାଇଁ ବାବାଙ୍କ କୃପାରୁ ପୁଟ୍ଟପର୍ତ୍ତିରେ ବିଶାଳକାୟ ଆଶ୍ରମ ନିର୍ମାଣ କରାଗଲା। ଯାହାର ନାମ ରଖାଗଲା 'ପ୍ରଶାନ୍ତି ନିଳୟମ'। ଏ ସବୁ ସତ୍ତ୍ୱେ ଅନେକ ନକାରାତ୍ମକ ବ୍ୟକ୍ତିମାନଙ୍କ ଦ୍ୱାରା ଅପପ୍ରଚାର ଆରମ୍ଭ ମଧ୍ୟ ହୋଇଗଲା। ଫଳସ୍ୱରୂପ ଭଗବାନ ବାବା ତାଙ୍କର ସ୍ୱରୂପକୁ ଜନ ସମାଜରେ ଜଣାଇବା ପାଇଁ କହିଲେ 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ'। ଭଗବାନ ବାବାଙ୍କ ଏ ଦୁନିଆରେ ଅବତାରଣ କରିବାର ଉଦ୍ଦେଶ୍ୟ କ'ଣ ଲୋକମାନେ ଜାଣିବା ପାଇଁ ଭଗବାନ ବାବା ପୁଣି କହିଲେ – 'ମୁଁ ଆସିଛି ଧର୍ମ ସଂସ୍ଥାପନ କରିବା ପାଇଁ, ସାଧାରଣଙ୍କୁ ଶିକ୍ଷା ଦେବା ପାଇଁ ଓ ସେମାନଙ୍କୁ ରକ୍ଷା କରିବା ପାଇଁ'କ ବାବାଙ୍କ ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ ଶୁଣିବା ପାଇଁ ବିଶ୍ୱର ସବୁ ରାଷ୍ଟ୍ରରୁ ଦାର୍ଶନିକ, ଧାର୍ମିକ, ଜ୍ଞାନି, ରାଜନୈତିକ ଓ ଆଧ୍ୟାତ୍ମିକ ବ୍ୟକ୍ତିମାନେ ଆସିବାକୁ ଲାଗିଲେ। ଏହା ବ୍ୟତୀତ ସାଧାରଣ ଲୋକ, ବୃତ୍ତିରେ ନିୟୋଜିତ ଲୋକ ଓ ବୈଜ୍ଞାନିକମାନେ ମଧ୍ୟ ପ୍ରଶାନ୍ତି ନିଳୟମକୁ ଆସିବା ଆରମ୍ଭ କଲେ। ତାଙ୍କ ଭାଷାରେ ସେ କୁହନ୍ତି 'ବାବା ଦୁଇ ଗୋଡ଼ରେ ଚାଲୁଥିବା ପ୍ରେମ। ସେ ପ୍ରେମ ହେଉଛି ସ୍ୱାର୍ଥ ରହିତ ପ୍ରେମ ଯାହା ଦୈବତ୍ୱର ପ୍ରତୀକ।' ଭକ୍ତମାନଙ୍କ ପ୍ରାର୍ଥନାକୁ ଗ୍ରହଣ କରି ସେମାନଙ୍କ ଆଧ୍ୟାତ୍ମିକ ପ୍ରଗତି ଓ ଆନନ୍ଦ ଉପଲବ୍ଧି ପାଇଁ ଭଗବାନ ବାବା ସେମାନଙ୍କୁ ଏକ ଅନୁଷ୍ଠାନ ଗଢ଼ିବା ପାଇଁ ଅନୁମତି ପ୍ରଦାନ କଲେ ଯାହାର ନାମ ଦିଆଗଲା –'ଶ୍ରୀ ସତ୍ୟସାଇ ସେବା ସମିତି'। ଏହାର ମୂଳ ଲକ୍ଷ୍ୟ ହେଲା ସମସ୍ତଙ୍କୁ ଭଲ ପାଇବା ଓ ସମସ୍ତଙ୍କୁ ସେବା କରିବା। ବିଶ୍ୱର ସବୁ ରାଷ୍ଟ୍ରରେ ଏହି ଅନୁଷ୍ଠାନ ନିରନ୍ତର ଭଗବାନ ବାବାଙ୍କ ବାଣୀ – 'ମାନବ ସେବା ମାଧବ ସେବା'କୁ କାୟ ମନୋବାକ୍ୟରେ ପାଳନ କରି ସେବା କରୁଅଛନ୍ତି। ଏହା ବ୍ୟତୀତ ଶିକ୍ଷା ମଧ୍ୟରେ ମାନବୀୟ ମୂଲ୍ୟବୋଧକୁ ଉପଲବ୍ଧି କରିବା ପାଇଁ ପ୍ରଶାନ୍ତି ନିଳୟରେ ଶ୍ରୀ ସତ୍ୟସାଇ ଡିମ୍ଡ଼ ୟୁନିଭରସିଟି ସ୍ଥାପନ କରାଯାଇଛି। ଯେଉଁଠାରେ ମାଗଣାରେ ଉଚ୍ଚକୋଟୀର ଶିକ୍ଷା ଦିଆଯାଇ ଜୀବନ ଓ ଜୀବିକା ପାଇଁ ମଣିଷ ନିର୍ମାଣ କରାଯାଉଛି। କେବଳ ଭାରତରେ ଏହି ଶିକ୍ଷା ଅନୁଷ୍ଠାନ ଅଛି ତାହା ନୁହେଁ ବିଶ୍ୱର ଅନେକ ରାଷ୍ଟ୍ରରେ ଏହି ଶିକ୍ଷା ଅନୁଷ୍ଠାନ କାର୍ଯ୍ୟ କରୁଛି। ବାବାଙ୍କ ନିର୍ଦ୍ଦେଶରେ ପ୍ରଣୟନ କରାଯାଇଥିବା ଶିକ୍ଷାନୀତି ଓ ପଦ୍ଧତିକୁ ଅନେକ ରାଷ୍ଟ୍ରରେ ସରକାରୀ ନୀତି ହିସାବରେ ଗ୍ରହଣ କରାଯାଇଛି। ଏହା ବ୍ୟତୀତ ସ୍ୱାସ୍ଥ୍ୟ କ୍ଷେତ୍ରରେ ବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ଦୁଇଟି ସୁପର ସ୍ପେସାଲିଟି ହସ୍ପିଟାଲ ମାଗଣାରେ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି। ବାବାଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପାନୀୟଜଳ ଯୋଗାଣ ବ୍ୟବସ୍ଥା ମଧ୍ୟ ସରକାରୀ ସ୍ତରରେ ପ୍ରଶଂସନୀୟ ହୋଇପାରିଛି। ଭଗବାନ ବାବାଙ୍କ ମହାପ୍ରୟାଣ ଘଟିଲା ୨୪ ମାର୍ଚ୍ଚ ୨୦୧୧। ତଥାପି ତାଙ୍କର ଲୀଳାଖେଳା ଏବେ ବି ଅବ୍ୟାହତ ରହିଛି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ଓ ତାଙ୍କର ଭକ୍ତମାନେ ବାବାଙ୍କ ନିର୍ଦ୍ଦେଶ ଅନୁସାରେ ବିଶ୍ୱର ସବୁଠାରେ କାର୍ଯ୍ୟରତ ଅଛନ୍ତି। ବାବାଙ୍କ ମହାସମାଧି ସାଇ କୁଲବନ୍ତ ହଲରେ ଏବେ ବି ଲୋକମାନଙ୍କୁ ଶାନ୍ତି ଓ ଆନନ୍ଦ ଦେବା ସହିତ ଆଧ୍ୟାତ୍ମିକ ବାତାବରଣରେ ପ୍ରଭାବିତ କରୁଛି। ପ୍ରଶାନ୍ତି ନିଳୟ ବର୍ତ୍ତମାନ ବିଶ୍ୱର ଅନ୍ୟତମ ଆଧ୍ୟାତ୍ମିକ ଅନୁଷ୍ଠାନ ଭାବରେ ମାନଚିତ୍ରରେ ସ୍ଥାନ ପାଇଛି। ଦୈନନ୍ଦିନ ହଜାର ହଜାର ଭକ୍ତ ପ୍ରଶାନ୍ତି ନିଳୟ ଆସୁଛନ୍ତି। ପରିବେଶକୁ ଦେଖିଲେ ଏହା ଏକ କ୍ଷୁଦ୍ର ବିଶ୍ୱବୋଲି ମନେ ହେଉଛି। ବାବାଙ୍କ ଲୀଳା, ଉପଦେଶ, ଦିବ୍ୟ ସମ୍ଭାଷଣ ଓ ତାଙ୍କର ସମସ୍ତଙ୍କ ପ୍ରତିଥିବା ପ୍ରେମ ଓ କରୁଣାକୁ ଭାଷାରେ ବର୍ଣ୍ଣନା କରିବା କଷ୍ଟସାଧ୍ୟ। ସେ ତ ଅନନ୍ତ, ଅସୀମ ଓ ଅବ୍ୟକ୍ତ। ଆଜି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ୯୪ତମ ଜନ୍ମ ଜୟନ୍ତୀ। ଏହି ଅବକାଶରେ ତାଙ୍କୁ ଭକ୍ତିପୂର୍ଣ୍ଣ ପ୍ରଣତି ଜଣାଇବା ସହିତ ବିନୀତ ପ୍ରାର୍ଥନା ପ୍ରଭୁ ସମସ୍ତଙ୍କୁ ଶକ୍ତି ଦିଅ, ଭକ୍ତି ଦିଅ-ମୁକ୍ତି ଦିଅ। 'ସମସ୍ତା ଲୋକା ସୁଖିନ ଭବନ୍ତୁ'।

**ସୌରଚନ୍ଦ୍ର ମହାପାତ୍ର**, ଆଡ଼ଭୋକେଟ, ପ୍ଲଟ ନଂ: ୧୦୮୭/ଡ଼ି, ସେକ୍ଟର-୬, ସିଡ଼ିଏ, କଟକ, ଦୂରଭାଷ : ୯୪୩୭୦୦୪୪୬୬

# ଅହିଂସାର ରାସ୍ତାରେ ଆମେ !





ଆଜି ଅନ୍ତର୍ଜାତୀୟ ହିଂସାବିରୋଧୀ ଦିବସ। ଆଜିପରି ସ୍ମରଣୀୟ ଦିବସରେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ହିଂସା ବିରୁଦ୍ଧରେ ସମର୍ପିତ ଚିନ୍ତନର ଦିବସ। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ। ଆମେ ସମସ୍ତେ ସେହି ବିଶ୍ୱ ପିତାଙ୍କର ସନ୍ତାନ। ସମସ୍ତଙ୍କର ପ୍ରିୟ ବାପୁଜୀ ଅହିଂସାର ପୂଜାରୀ। ଅହିଂସା ମାର୍ଗରେ ପରିଚାଳିତ ହେବା ପାଇଁ ସେ ସର୍ବଦା ଉପଦେଶ ଦେଉଥିଲେ। ଅହିଂସା ମାଧ୍ୟମରେ ସେ ସମଗ୍ର ବିଶ୍ୱକୁ ଦେଇଥିଲେ ଶାନ୍ତିର ବାର୍ତ୍ତା। ହିଂସା ହେଉଛି ମାନବର ଶ୍ରେଷ୍ଠ ଶତ୍ରୁ। ହିଂସାତ୍ମକ ଜୟ ବାସ୍ତବ ଜୟ ନୁହେଁ। ଅହିଂସାର ଜୟ ହିଁ ବାସ୍ତବ ଜୟ। ଏକାନ୍ତ ମନୋବାକ୍ୟରେ ଅହିଂସା ଆଚରଣ ପୂର୍ବକ ଜୀବନ ଅତିବାହିତ କରିବା ଆମର କର୍ତ୍ତବ୍ୟ। ଏ ବିଶ୍ୱ ହେଉଛି ବିଶ୍ୱ ପିତାଙ୍କର। ଆମେ ତାଙ୍କ ସନ୍ତାନ। ଏଣୁ ଆମେ ସମସ୍ତେ ଭାଇ ଭାଇ। ଏହି ଚିନ୍ତାଧାରା ନେଇ ଆମେ ସମସ୍ତେ ନିଜକୁ ନିୟୋଜିତ କରିବା ଉଚିତ। ମାତ୍ର ଆଜି ମନୁଷ୍ୟ ପାଲଟିଛି ପଶୁ। ହିଂସା ତା'ର ଅନ୍ତରରୁ ଉଙ୍କି ମାରୁଛି। ତେଣୁ ସେ ପ୍ରତିମୁହୂର୍ତ୍ତରେ ଅଶାନ୍ତିର ଝଡ଼ ସୃଷ୍ଟି କରୁଛି। ସେଥିପାଇଁ ପ୍ରତି ମୁହୂର୍ତ୍ତରେ ଦେଖାଦେଉଛି ନରସଂହାର, ରକ୍ତପାତ, ହିଂସା ପ୍ରତିହିଂସା, ହଣାକଟା ଇତ୍ୟାଦି। ଏହାଦ୍ୱାରା ବୃଦ୍ଧି ପାଉଛି ଆତଙ୍କ। ଏଥିରୁ ନିବୃତ୍ତ ରହି ଆମେ କିଭଳି ଭାବରେ ଅହିଂସା ଆଚରଣ କରି ଜାତିର ମଙ୍ଗଳ କରିପାରିବା ଏବଂ ଆମ ଭିତରେ ଐକ୍ୟମନୋଭାବ ଜାଗ୍ରତ କରିପାରିବା ତାହା ହେଉଛି ଏହି ଦିବସ ପାଳନରେ ଶ୍ରେଷ୍ଠ ଲକ୍ଷ୍ୟ। ଅହିଂସା ଆଚରଣ ଦ୍ୱାରା ଆମେ କିଭଳି ଭାବରେ ଗୋଟିଏ ସୂତାରେ ବାନ୍ଧି ହୋଇ ରହିପାରିବା ସେ ବିଷୟରେ ଏହି ଦିବସ ସୂଚିତ କରିଥାଏ। ଗୋଟିଏ ବିକଶିତ ଦେଶର ପ୍ରଗତିରେ ଅର୍ଥନୀତିର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦେଶରେ ହିଂସାର ବାତାବରଣ ସୃଷ୍ଟି ହେଲେ ଶିଳ୍ପ ସଂସ୍ଥା ସମ୍ଭବ ହୋଇନଥାଏ। ବେରୋଜକାରୀ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ଶିକ୍ଷିତ ବେକାରୀମାନେ ଜୀବନ ହାରି ଦେଉଥିବା ପରି ହୃଦୟ ବିଦାରକ ଘଟଣା ସମାଜର ସବୁ ସ୍ତରର ବ୍ୟକ୍ତିତ୍ୱଙ୍କୁ ବ୍ୟଥିତ କରିଥାଏ। ଦେଶର ପ୍ରଗତିରେ ଅର୍ଥନୀତି ସହିତ ଆଗାମୀ ଭବିଷ୍ୟତ କୁହାଯାଉଥିବା ଯୁବପିଢ଼ୀଙ୍କ ସମ୍ପର୍କ ବି ରହିଛି। ବର୍ତ୍ତମାନ ସୂଚନା ପ୍ରଯୁକ୍ତିର କ୍ଷେତ୍ର ପ୍ରାୟତଃ ଯୁବବର୍ଗଙ୍କ ଭିତରେ ନୂଆ ନୂଆ ଚ୍ୟାଲେଞ୍ଜ ଭିତ୍ତିକ କର୍ମସଂସ୍ଥାନ ସୃଷ୍ଟି କରିଛନ୍ତି। ଯେଉଁଥିରେ ଯୁବପିଢ଼ୀ ହିଁ ସଂସ୍ଥାନର ପ୍ରଗତିକୁ ତ୍ୱରାନ୍ୱିତ କରିଥାନ୍ତି। ଗୋଟିଏ ଅଶାନ୍ତ ରାଷ୍ଟ୍ରରେ ପୋଲିସ ପ୍ରଶାସନ ଠାରୁ ସେନାବାହିନୀ ପରି ସଶସ୍ତ୍ର ବାହିନୀ ଅଧିକ ଦିନ କର୍ମବ୍ୟସ୍ତ ରହିଲେ ସରକାରଙ୍କ ରାଜକୋଷରୁ ହିଁ ଖର୍ଚ୍ଚ ହୋଇଥାଏ ଯାହାକି ଆମ ସମସ୍ତଙ୍କ ବିଭିନ୍ନ ଟିକସ୍‌ରୁ ହିଁ ପୈଠ ହୋଇଥାଏ। ସମାଜର ବିଭିନ୍ନ ସ୍ତରରୁ ଆଜି ହିଂସା ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେଉଛି ଆଉ ନିଶ୍ଚିତ ଭାବରେ ପ୍ରେରଣା ଓ ଜାଗରଣ ସୃଷ୍ଟି କରିବ ହିଂସା ରାକ୍ଷସ ବିରୁଦ୍ଧରେ ଲଢ଼ିବାକୁ। ଆଜି ସବୁଠି ସବୁକ୍ଷେତ୍ରରେ ଆଉ ସମସ୍ତଙ୍କ ଭିତରେ ହିଂସା ବିରୁଦ୍ଧରେ ସଂଗ୍ରାମ ପାଇଁ ପ୍ରତିଟି ମୁହୂର୍ତ୍ତକୁ ସମର୍ପିତ କରିବାର ଶପଥର ଦିବସ ଭାବେ ପାଳନ ହେଉ। ହିଂସା ବିରୁଦ୍ଧରେ ଜାଗରଣ ନିଶ୍ଚିତ ଭାବରେ ଦିନେ ନା ଦିନେ ହିଂସାକୁ ଦୂରେଇବା ପାଇଁ ସମର୍ଥ ହେବ। ଅହିଂସାର ପୂଜାରୀ ଭଗବାନ ବୁଦ୍ଧଙ୍କ ଠାରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଆଉ ଯୁଗାବତାର ପରମପ୍ରେମମୟ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଦର୍ଶ, ଦର୍ଶନ, ଚିନ୍ତନ ସାର୍ଥକ ହୋଇପାରନ୍ତା ଯଦି ଆଜି ଆମେ ସମସ୍ତେ ଏହା ବିରୁଦ୍ଧରେ ପ୍ରତି ମୁହୂର୍ତ୍ତରେ ଲଢ଼ିବାପାଇଁ ନିଜକୁ ଆତ୍ମସଚେତନ କରିପାରନ୍ତେ। ଯୁଗାବତାର ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣରେ କହିଲେ – ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର କହିଲେ ହିଂସା ଜୀବନର ସ୍ଥିତି ଓ ପ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି କରେ। ଏହି ପ୍ରତିବନ୍ଧକ ବିରୁଦ୍ଧରେ ପ୍ରତିବନ୍ଧକ ରଚନା କରିବା ହିଁ ଅହିଂସାର କର୍ମ। ଅଧର୍ମର ପ୍ରତିବିଧାନ ନ କରିଲେ ଧାର୍ମିକ ହୋଇପାରିବ ନାହିଁ। ଅପ୍ରେମକୁ ନିରସ୍ତ ନ କରିଲେ ପ୍ରେମିକ ହୋଇପାରିବ ନାହିଁ। ଯେଉଁମାନେ ସ୍ୱଚ୍ଛାକୃତ ଭାବରେ କ୍ରମାଗତ ଅନ୍ୟାୟ କରନ୍ତି ସେମାନେ ଶୟିତାନ ଦ୍ୱାରା ଅଭିଭୂତ, ଯେଉଁମାନେ ତାଙ୍କୁ ସମର୍ଥନ କରନ୍ତି ସେମାନେ ହେଲେ ଅନ୍ୟାୟ ପୋଷଣଦାତା ଓ ଶୟିତାନର ପାଳକ ପିତା। ଆଉ ଯେଉଁମାନେ ନିରପେକ୍ଷ ସେମାନେ ଅନ୍ୟାୟର ବୀଜ ବା ଉଦ୍‌ଭିନ୍ନକାରୀ ମାଧ୍ୟମ ବିଶେଷ। ସକ୍ରିୟ ଭାବରେ ଅସତ୍ ନିରୋଧୀ ନହେଲେ ନିଜର ଅଧୋଗତି ହୁଏ। ଚରିତ୍ରରେ କଳାରଙ୍ଗ ଲାଗେ। ସତ୍ତାପୋଷଣୀ ଚଳନ ଓ ଅସତ୍ ନିରୋଧୀ ପରାକ୍ରମ ଏହି ଦ୍ୱିମୁଖୀ ଅଭିଯାନ ଅବ୍ୟାହତ ରଖିଲେ ହିଁ ନିଜେ ତଥା ସମାଜ ଏବଂ ଦେଶ ଅକ୍ଷତ ରହିପାରେ ଓ ଏହି କଳୁଷିତ ସମାଜର କାଳିମାକୁ ଅପନୋଦନ କରିହୁଏ। ଅହିଂସାର ସଙ୍ଗେ ଜଡ଼ିତ ଅଛି ହିଂସାକୁ ହିଂସା କରିବା। ହିଂସା ଓ ସନ୍ତ୍ରାସବାଦକୁ ଅବ୍ୟାହତ ଓ ଅକ୍ଷୁର୍ଣ୍ଣ ରଖି ଅହିଂସାର ପ୍ରତିଷ୍ଠା ହେବନାହିଁ। ହିଂସା ପ୍ରତି ଅହିଂସା ହେବା ମାନେ ହିଂସାକୁ ପ୍ରଶୟ ଦେଇ ପୃଷ୍ଟକରି ଉଠାଇବା। ଆସନ୍ତୁ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେଉ ଓ ତତ୍‌ସହିତ ଏକ ସମ୍ପ୍ରଦାୟ, ନିରପେକ୍ଷ ରାଷ୍ଟ୍ର ହିସାବରେ ଗଢ଼ିତୋଳିବା ନିମିତ୍ତ ଆମେ ସମସ୍ତେ ଅହିଂସାର ପଥରେ ଆଗେଇ ଆସିବା ଉଚିତ ଓ ଜାତିର ପିତା ମହାତ୍ମାଗାନ୍ଧୀ ଓ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱପ୍ନକୁ ସାକାର କରିବା। ଈଶ୍ୱରଦତ୍ତ ସୁଗୁଣଗୁଡ଼ିକ ମଧ୍ୟରେ ଅହିଂସା ସର୍ବଶ୍ରେଷ୍ଠ। ଏହା ଜୀବ ପ୍ରତି ଦୟାଭାବ। ଏହା ଅସୀମ ଶକ୍ତି ଯୋଗାଏ ଏବଂ ଅସମ୍ଭବକୁ ସମ୍ଭବରେ ପରିଣତ କରିପାରେ। ଅହିଂସା ଆଚରଣ କରୁଥିବା ବ୍ୟକ୍ତି କେବେ ନିରାଶ ହୁଏନାହିଁ। ଏଣୁ ଶାନ୍ତି ପାଇଁ ଅହିଂସାର ପଥ ହିଁ ସର୍ବୋତ୍କୃଷ୍ଟ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## ଜିଲ୍ଲାସ୍ତରୀୟ ଲୋକଅଦାଲତ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍): ବାଲେଶ୍ୱରଠାରେ ଲୋକଅଦାଲତ ଜିଲ୍ଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ସୋନାଲୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଲୋକଅଦାଲତରେ ମୋଟ୍ ୨୩ ଗୋଟି ଦେୱାନୀ, ୪ଟି ଚେକ୍ ବାଉନ୍ସ ଜନିତ ମୋକଦ୍ଦମା, ୩୩ ଟି ବୈବାହିକ ମୋକଦ୍ଦମା, ଏହିପରି ମୋଟ୍‌ରେ ୬୦ଟି ମୋକଦ୍ଦମାର ଫଇସଲା କରାଯାଇ ଜୋରିମନା ବାବଦକୁ ୪ ଲକ୍ଷ ୪ ହଜାର ୩୭୯ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୨,୫୬୩ଟି ରାଜସ୍ୱ ମୋକଦ୍ଦମା ଫଇସଲା କରାଯାଇ ୪,୬୧,୭୩୨ ଟଙ୍କା ଜୋରିମନା ଆଦାୟ କରାଯାଇଛି। ଜିଲ୍ଲାସ୍ତରୀୟ ଲୋକଅଦାଲତକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିଲେ। ଲୋକ ଅଦାଲତ ମଧ୍ୟ ତାଲୁକ ଆଇନସେବା କମିଟି ଜଳେଶ୍ୱର, କନିଷ୍ଠ ଦେୱାନୀ ବିଚାର ବିଭାଗୀୟ ଅଦାଲତ ଏବଂ ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇ ଠାରେ ଅନୁଷ୍ଠିତ ହୋଇଯାଇଛି।

## ଓଡ଼ିଶା ସଂସ୍କାର ମଞ୍ଚର ବାର୍ଷିକ ଅଧିବେଶନ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ରାମେଶ୍ୱର ମନ୍ଦିର ପରିସରରେ ଓଡ଼ିଶା ସଂସ୍କାର ମଞ୍ଚର ବାର୍ଷିକ ଅଧିବେଶନ ମଞ୍ଚର ଖୋର୍ଦ୍ଧାଜିଲ୍ଲା ସଭାପତି ଶ୍ରୀ ରତ୍ନାକର ପାତ୍ରଙ୍କ ଅଧ୍ୟକ୍ଷତାରେ ନିରାଡ଼ମ୍ବର ଢଙ୍ଗରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ଆଲୋଚ୍ୟ ବିଷୟବସ୍ତୁ ଥିଲା 'ଗୁଣେ ରୋଜଗାରକୁ ପାଞ୍ଚଗୁଣ ଖର୍ଚ୍ଚ'। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ନୀତି ଆୟୋଗର ସଦସ୍ୟ ତଥା ରାଜ୍ୟର ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ଜଗଦାନନ୍ଦ ଯୋଗଦେଇ ରାଜ୍ୟବାସୀ ନିରାଡ଼ମ୍ବର ଜୀବନଶୈଳୀ ଆପଣେଇବା ପାଇଁ ଆହ୍ୱାନ ଦେଇଥିଲେ। ଏହାଛଡ଼ା ଓଡ଼ିଶା ସଂସ୍କାର ମଞ୍ଚ ଏଭଳି ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରି ସମାଜ ପାଇଁ ଆଦର୍ଶ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଓଡ଼ିଶା ସଂସ୍କାର ମଞ୍ଚର ଉପଦେଷ୍ଟା ତଥା ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ ଦାମୋଦର ପରିଡ଼ା ଯୋଗଦେଇ ବ୍ୟକ୍ତିବିଶେଷର ସାମାଜିକ କାର୍ଯ୍ୟକ୍ରମର ଅପବ୍ୟୟ ରୋକିବା ପାଇଁ ସରକାରୀ ଆଇନ୍‌ର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ସଂସ୍କାର ମଞ୍ଚର ସଭାପତି ଶ୍ରୀ ପର୍ଶୁରାମ ବିଶ୍ୱାଳ ଓଡ଼ିଶାରେ ପ୍ରଚଳିତ ଭୋଜି ବ୍ୟବସ୍ଥା ଉପରେ ଆଇନ୍‌ଗତ ସରକାରୀ କଟକଣା ପାଇଁ ସରକାରଙ୍କୁ ନିବେଦନ କରିଥିଲେ। ତଳସ୍ତରରେ ସ୍କ୍ୱାର୍ଡ଼ ଗଠନ କରି ଅପବ୍ୟୟ କରୁଥିବା ବିପିଏଲ୍‌ଧାରୀ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରି ସେମାନଙ୍କର ରାସନକାର୍ଡ଼ କାଟି ଦେବା ସହିତ ବିପିଏଲ୍ ତାଲିକାରୁ ସେମାନଙ୍କୁ ବାଦ୍ ଦେବାକୁ ସରକାରଙ୍କୁ ଅନୁରୋଧ କରିଥିଲେ। ଏହାବ୍ୟତୀତ ଭୋଜି ଭାତରେ ବହୁ ଅର୍ଥ ବ୍ୟୟ କରୁଥିବା ସ୍ୱଚ୍ଛଳ ବର୍ଗର ଲୋକମାନଙ୍କ ଘରେ ଆମୋଦ କର ଲାଗୁ କରାଯିବାର ଅବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ସଂସ୍କାର ମଞ୍ଚର ଢେଙ୍କାନାଳ ଜିଲ୍ଲା ସଭାପତି ଶ୍ରୀ ବାହାଦୁର ପାଟଶାଣୀ, ପ୍ରଧାପକ ଅଜୟ କୁମାର ମହାନ୍ତି, ଡଃ ସର୍ବେଶ୍ୱର ଶତପଥୀଙ୍କ ସମେତ ବହୁ ଚିନ୍ତାଶୀଳ ବୁଦ୍ଧିଜୀବୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ସଭା ଶେଷରେ ଓଡ଼ିଶା ସଂସ୍କାର ମଞ୍ଚର ସମ୍ପାଦକ ପ୍ରାଧାପକ ରାଜକିଶୋର ନାଥଶର୍ମା ମଞ୍ଚାସୀନ ଅତିଥିଙ୍କ ସମେତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାବାସୀ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ



ଭୁବନେଶ୍ୱର (ପିଏନ୍): ନିକଟଅତୀତରେ ବିଧାନସଭାରେ ଆଲୋଚନାବେଳେ ବିଭାଗୀୟ ମନ୍ତ୍ରୀ ମହୋଦୟ କହିଛନ୍ତି ଯେ ଓଡ଼ିଶା ଏକ ଖାଉଟି ରାଜ୍ୟ। ବାହାର ରାଜ୍ୟ ମାନଙ୍କରୁ ଓଡ଼ିଶାକୁ ବିଭିନ୍ନ ପ୍ରକାର ଖାଉଟି ସାମଗ୍ରୀ ଆସିଥାଏ। କିନ୍ତୁ ଓଡ଼ିଶାରୁ ବାହାରକୁ ସେପରି କିଛି ଖାଉଟି ସାମଗ୍ରୀ ଯାଇନଥାଏ। ଫଳରେ ଖାଉଟି ସାମଗ୍ରୀ ଅନ୍ତର୍ଗତ ମାଛ, ଅଣ୍ଡା, ପନିପରିବା, ଫଳମୂଳ, ଆଳୁ, ପିଆଜ ଇତ୍ୟାଦି ଆନ୍ଧ୍ର, କର୍ଣ୍ଣାଟକ, ଛତିଶଗଡ଼, ଝାରଖଣ୍ଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ପ୍ରଭୃତିରୁ ଆସିଥାଏ। ସେହିପରି ଭାବରେ ପୋଷାକ ପରିଧାନ, ପ୍ରତିଘରେ ଆବଶ୍ୟକ ହେଉଥିବା ପ୍ଲାଷ୍ଟିକ ସାମଗ୍ରୀ ଓ ଅନ୍ୟାନ୍ୟ ଗୃହୋପକରଣ ବାହାରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। କିନ୍ତୁ ସ୍ୱାଧୀନତା ପରେ ପ୍ରାୟ ୬୮ ବର୍ଷ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଓଡ଼ିଶା ଖାଉଟି ରାଜ୍ୟ ହୋଇ ରହିଛି। ଦିନେ ଆମର ପ୍ରତିବେଶୀ ରାଜ୍ୟ ପଶ୍ଚିମବଙ୍ଗ ଓଡ଼ଶାରୁ ମାଛ, ଚାଉଳ, ପନିପରିବା ଇତ୍ୟାଦି ଆମଦାନୀ କରୁଥିଲାବେଳେ ଏବେ ତିନି ଚାରି ଦଶନ୍ଧି ଧରି ସେଠାରୁ ଓଡ଼ିଶାକୁ ପନିପରିବା, ପୋଷାକ ପରିଧାନ, ପ୍ଲାଷ୍ଟିକ ସାମଗ୍ରୀ ଇତ୍ୟାଦି ବହୁ ପରିମାଣରେ ଆସୁଛି। ସେହିପରି ଝାଡ଼ଖଣ୍ଡର ରାଞ୍ଚି ଅଞ୍ଚଳରୁ ଏବଂ ଛତିଶଗଡ଼ର ରାୟପୁର ଅଞ୍ଚଳରୁ, ମହାରାଷ୍ଟ୍ରର ନାସିକ ଓ ନାଗପୁର ଅଞ୍ଚଳରୁ କର୍ଣ୍ଣାଟକ, ଆନ୍ଧ୍ର ଓ ତାମିଲନାଡୁ ଅଞ୍ଚଳରୁ ମାଛ, କୁକୁଡ଼ା ସମେତ ବିଭିନ୍ନ ପ୍ରକାର ଫଳମୂଳ ଆମଦାନୀ କରାଯାଇଥାଏ। ଓଡ଼ିଶାର ୮୦ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ଏବଂ ଏମାନଙ୍କ ମଧ୍ୟରେ ପ୍ରାୟ ୭୦ ଭାଗ ହେଉଛନ୍ତି କୃଷିଜୀବୀ। ଓଡ଼ିଶା ବାହାରୁ ଆମଦାନୀ କରାଯାଉଥିବା ଖାଦ୍ୟ ସାମଗ୍ରୀ, ଗୃହୋପକରଣ, ସୌଖୀନ ସାମଗ୍ରୀ, ପ୍ଲାଷ୍ଟିକ ସାମଗ୍ରୀ ଇତ୍ୟାଦି ଏ ରାଜ୍ୟରେ ବିକ୍ରି ହୁଏ। ଧାନ ବା ଚାଉଳ ବିକ୍ରି କରି ଗ୍ରାମାଞ୍ଚଳର ଲୋକମାନେ ଏସବୁ ସାମଗ୍ରୀ କ୍ରୟ କରନ୍ତି ଏବଂ ପୁଅଝିଅର ପାଠପଢ଼ା, ବିବାହବ୍ରତ ଓ ଅନ୍ୟାନ୍ୟ ସାମାଜିକ ଖର୍ଚ୍ଚ ପୂରଣ କରିଥାନ୍ତି। ଖାଉଟି ସାମଗ୍ରୀ କ୍ରୟ କରିବା ପାଇଁ ହାତରୁ ପଇସା ଚାଲିଯିବା ପରେ ଆଉ ଯେତିକି ଅବଶିଷ୍ଟ ରୁହେ ଧାନ ଚାଉଳ ବିକ୍ରି କରିବା ପରେ ତାହା ସାମାଜିକ କାର୍ଯ୍ୟ କରିବା ପାଇଁ ନିଅଣ୍ଟ ହୁଏ। ତେଣୁ ପିଲାଙ୍କ ପାଠପଢ଼ା, ଝିଅଙ୍କ ବିଭାଘର ଅନ୍ୟାନ୍ୟ ସାମାଜିକ ଉତ୍ସବ ପାଳନ କରିବା ପାଇଁ ଲୋକମାନଙ୍କୁ ଋଣ କରିବାକୁ ପଡ଼ିଥାଏ। ଏହି କାରଣରୁ ଓଡ଼ିଶା ଲୋକମାନେ ଗରିବ। ୨୦୦୦ ମସିହାର ତଥ୍ୟ ଅନୁସାରେ ରାଜ୍ୟର ୫୦ ପ୍ରତିଶତରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। କିନ୍ତୁ ଏଇ ୧୫ବର୍ଷ ମଧ୍ୟରେ ଛୋଟବଡ଼ କିଛି ଶିଳ୍ପ ସ୍ଥାପନ ହୋଇଥିବାରୁ ଲୋକମାନଙ୍କୁ କିଛି ନିଯୁକ୍ତି ମିଳିଛି ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ। ବିଜୁ ପଟ୍ଟନାୟକ ପ୍ରଥମ ଦଫାରେ ମୁଖ୍ୟମନ୍ତ୍ରୀ ଥିବାବେଳେ ଶିଳ୍ପ ସ୍ଥାପନ, ପ୍ରଯୁକ୍ତିବିଦ୍ୟା ଇତ୍ୟାଦି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପଦକ୍ଷେପ ନିଆଯାଇଥିଲା। ତାଙ୍କ ପରେ ସେ ବିଷୟ ପ୍ରତି ଆଉ ବିଶେଷ ଧ୍ୟାନ ଦିଆଯାଇନଥିଲା। ପୁନର୍ବାର ଅଶୀ ଦଶକରୁ ଦୁଇ ଦଶନ୍ଧି ଧରି ଭିତ୍ତିଭୂମିର ବିକାଶ, ଶିଳ୍ପ ବ୍ୟବସାୟ ବାଣିଜ୍ୟ ପ୍ରସାର ପାଇଁ କିଛି ଗୁରୁତ୍ୱ ଦବା ଯୋଗୁଁ ଲୋକମାନେ କୃଷି କ୍ଷେତ୍ର ଛାଡ଼ି ବାଣିଜ୍ୟ ବ୍ୟବସାୟକୁ ଆଦରି ନେଇଥିଲେ ଅଧିକ ରୋଜଗାର କରିବା ପାଇଁ। ଗତ ଦଶ ବର୍ଷ ଧରି ଓଡ଼ିଶା ଶିଳ୍ପ ସ୍ଥାପନ ପାଇଁ ଉଦ୍ୟମ ଅବ୍ୟାହତ ରହିଥିବାରୁ ଅନେକ କ୍ଷୁଦ୍ର, ମଧ୍ୟମ, ବୃହତ୍ ଶିଳ୍ପ ସ୍ଥାପନ କରାଯାଇଛି। ବେଦାନ୍ତ, ପୋସ୍କୋ, ଆରସେଲ୍ ମିତ୍ତଲ ପ୍ରଭୃତି ବିଭିନ୍ନ କାରଣରୁ ଶିଳ୍ପ ସ୍ଥାପନ ନକରି ଫେରି ଯାଇଥିଲେ ସୁଦ୍ଧା ଓଡ଼ିଶାର ଭିତ୍ତିଭୂମି ଖଣିଜ ସାମଗ୍ରୀ ଓ ବେଳାଭୂମି ବ୍ୟବହାର କରିବା ପାଇଁ ପୁନର୍ବାର ଉଦ୍ୟୋଗୀମାନଙ୍କର ଧାଡ଼ି ଲାଗିଛି ଶିଳ୍ପ ସ୍ଥାପନ ପାଇଁ। ଏସବୁ କଲାବେଳେ କୃଷି ପ୍ରତି ଯେତିକି ଧ୍ୟାନ ଦେବା କଥା ତାହା କୌଣସି ସରକାର ଦେଇପାରି ନାହାନ୍ତି। ଫଳରେ ଓଡ଼ିଶାରେ କୃଷି ଉତ୍ପାଦନ ଗତ କେତେବର୍ଷ ମଧ୍ୟରେ ଦୁଇ ପ୍ରତିଶତ ବୃଦ୍ଧିରେ ସୀମାବଦ୍ଧ ରହିଛି। ଲୋକସଂଖ୍ୟା ବୃଦ୍ଧି ସହିତ ଗ୍ରାମାଞ୍ଚଳ ଓ ସହରର ଚାହିଦା ମଧ୍ୟ ବଢ଼ିଛି, କିନ୍ତୁ ଚାହିଦା ଅନୁସାରେ ଖାଦ୍ୟ ସାମଗ୍ରୀ, ଗୃହୋପକରଣ, ପୋଷାକ ପରିଧାନ ଇତ୍ୟାଦି, ରାଜ୍ୟରେ ଉତ୍ପନ୍ନ କରିବା ପାଇଁ କୌଣସି ସଫଳ ପଦକ୍ଷେପ ନିଆଯାଇନାହିଁ। ଫଳରେ ବାହାର ରାଜ୍ୟମାନଙ୍କରୁ ବିପୁଳ ପରିମାଣର ଖାଉଟି ସାମଗ୍ରୀ ଓଡ଼ିଶାକୁ ଆସୁଛି। ଏହି ସୁଯୋଗ ନେଇ ଅନ୍ୟାନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ସାଧାରଣ ସାମଗ୍ରୀର ଦରବୃଦ୍ଧି ଅଧିକ। ବିଧାନସଭାରେ ଦିଆଯାଇଥିବା ତଥ୍ୟରୁ ଜଣାଯାଏ ଯେ ଜାତୀୟ କ୍ଷେତ୍ରରେ ମୂଲ୍ୟବୃଦ୍ଧି ୪.୮୩ ପ୍ରତିଶତ ହୋଇଥିବାବେଳେ ଓଡ଼ିଶାରେ ତାହା ୭.୯୨ ପ୍ରତିଶତ ହୋଇଛି। ପରିବା, ଫଳମୂଳ, ମାଛ, ଅଣ୍ଡା, କୁକୁଡ଼ା, ଖାଇବା ତେଲ, ଆଳୁ, ପିଆଜ, ଲଙ୍କାମରିଚ ଇତ୍ୟାଦି ଆବଶ୍ୟକ ହେଉଥିବା ଦୈନନ୍ଦିନ ସାମଗ୍ରୀର ମୂଲ୍ୟ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବେଶୀ। ଗୋଟିଏ ଦିଗରେ ଓଡ଼ିଶାର ଅଧିକାଂଶ ଲୋକଙ୍କ ହାତରେ ଅର୍ଥର ଅଭାବ ଲାଗି ରହିଥିବାବେଳେ ଧାନ ଚାଉଳ ବିକ୍ରି କରି ଯାହା କିଛି ଉପାର୍ଜନ ହୋଇଥାଏ। ଧାନ ଚାଉଳ ବିକ୍ରି କରି ଶିକ୍ଷା ସ୍ୱାସ୍ଥ୍ୟ ଇତ୍ୟାଦି ପାଇଁ ବ୍ୟୟ ହୋଇଥାଏ। ସାମାଜିକ ଓ ଅର୍ଥନୀତିକ କ୍ଷେତ୍ରରେ ଲାଗି ରହିଥିବା ପାର୍ଥକ୍ୟ ଦୂର କରିବାକୁ ହେଲେ ଗୋଟିଏ ମାତ୍ର ଉପାୟ ଅଛି। ତାହା ହେଉଛି ପରିବା, ଫଳମୂଳ, ଖାଦ୍ୟସାମଗ୍ରୀ, ପୋଷାକ ପରିଧାନ, ଗୃହୋପକରଣ ଇତ୍ୟାଦି ରାଜ୍ୟର ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟ ଭିତରେ ଉତ୍ପନ୍ନ ହୁଏ ତେବେ ଓଡ଼ିଶା ଲୋକଙ୍କର ହାତକୁ ରୋଜଗାର ଆସିବ ଏବଂ ଦାରିଦ୍ର୍ୟ ଓ ମୂଲ୍ୟବୃଦ୍ଧିର ଗଞ୍ଜଣାର ସମାଧାନ କରାଯାଇପାରିବ। କିନ୍ତୁ ଧନ୍ଦା ଓ କୌଶଳ ଶିକ୍ଷା ପାଇଁ ସରକାର ତତ୍ପରତା ଦେଖାଇନଥିବାରୁ ଓଡ଼ିଶାବାସୀ ଅନ୍ୟ ରାଜ୍ୟ ଉପରେ ନିର୍ଭର କରି ଆସୁଛନ୍ତି। ସେହିପରି ତିନୋଟି ସମୟର ଅଭାବ ପୂରଣ କରିବା ପାଇଁ ହଜାର ହଜାର ଓଡ଼ିଶାବାସୀ ଅନ୍ୟାନ୍ୟ ରାଜ୍ୟକୁ ଯାଇଥା'ନ୍ତି ରୋଜଗାର କରିବା ପାଇଁ। ଏଇ ପ୍ରଥା ବନ୍ଦ ନହେବା ପର୍ଯ୍ୟନ୍ତ ଓଡ଼ିଶା ଦରିଦ୍ର ହୋଇ ରହିବ।

**(ସୌଜନ୍ୟ: ରଘୁନାଥ ମହାପାତ୍ର, ଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ, ଦୂରଭାଷ: ୯୨୩୮୬୩୨୭୫୦)**


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଜିଲ୍ଲାପାଳଙ୍କୁ ୧୧ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ



କେନ୍ଦ୍ରାପଡା (ପିଏନ)-ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ସମ୍ପାଦକ ରମଣୀରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଏକ ୧୧ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ବୁଲବୁଲ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ମିଳୁ,ଗତ ଫନି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଜନସାଧାରଣଙ୍କୁ ଯେଉଁମାନେ କି ବାଦ ପଡିଛନ୍ତି ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯାଉ,କେନ୍ଦ୍ରାପଡାରେ ତୁରନ୍ତ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ସହିତ ଅବିଳମ୍ବେ ଡାଇଲେସିସ ବ୍ୟବସ୍ଥା କରାଯାଉ ଓ ଶ୍ୟାମଗୁଡିଆ ମେଡିକାଲର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରାଯାଉ,ସରକାର ଘୋଷଣା କରିଥିବା ନଦୀ ଭିତିକ ବନ୍ଦର ଆଖଡାଶାଳି ଠାରେ ନିର୍ମାଣ କରାଯାଉ,କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଠାରୁ ଭୁତୁମୁଣ୍ଡାଇ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଯେଉଁ ଟ୍ରକ ମାସ ମାସ ଧରି ଛିଡା ହୋଇ ରହିବା ଦ୍ୱାରା ଦୁର୍ଘଟଣାରେ ବହୁ ଧନଜୀବନ କ୍ଷତି ହେଉଛି ତାହାର ତୁରନ୍ତ ସମାଧାନ କରାଯାଉ,ଦୈନିକ ଯେତିକି ଟ୍ରକ ପାରାଦୀପରେ ଅନଲୋଡ ହେଉଛି ସେତିକି ଟ୍ରକ ଲୋଡ କରାଯାଉ,ସରକାରି ଉଦ୍ୟମରେ ତୁରନ୍ତ ଶୀତଳ ଭଣ୍ଡାର ଜିଲ୍ଲାରେ ପ୍ରତିଷ୍ଠା କରାଯାଉ,ଧାନମଣ୍ଡିରେ ଧାନ କିଣିବା ପାଇଁ ଗଠିତ କ୍ରୟ କମିଟିରେ ଚାଷୀମାନଙ୍କୁ ସାମିଲ କରାଯାଉ, ଜିଲ୍ଲାରେ ବ୍ୟାପକ ବୃକ୍ଷ ରୋପଣ ସହିତ ସମ୍ପୂର୍ଣ୍ଣ ପଲିଥିନକୁ ବନ୍ଦ କରାଯାଉ ଓ ଗୋବରୀ ନଦୀର ପୁନରୁଦ୍ଧାର ସହିତ କେନ୍ଦ୍ରାପଡା କେନାଲକୁ ପ୍ରଦୂଷଣ ମୁକ୍ତ କରାଯାଉ,କେନ୍ଦ୍ରାପଡାରେ କାଇଁଚ ଶିଳ୍ପ ସହିତ ଶ୍ରୀବଳଦେବଜୀଉ ପାଠ୍ୱରଲୁମକୁ ସକ୍ଷମ କରି ନଡିଆକତା ଶିଳ୍ପ ,ଝୋଟ ଶିଳ୍ପ,ବାଉଁଶ ଶିଳ୍ପ ପ୍ରଭୃତି ପ୍ରତିଷ୍ଠା କରାଯାଉ,ପାରାଦୀପରେ ଥିବା ସମସ୍ତ ଶିଳ୍ପର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଅଧିକାଂଶ କେନ୍ଦ୍ରାପଡାରେ ଖର୍ଚ୍ଚ କରାଯାଉ ବୋଲି ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସି.ପି.ଆଇ.ର ସହ ସମ୍ପାଦକ ଆଦିକନ୍ଦ ରାଉଳ,ବିକାଶ ଚନ୍ଦ୍ର ବେଉରା,ଶୁବାସିନୀ ଭଦ୍ର,କାହ୍ନୁଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ପାଣିକୋଇଲି-ରିମୁଳି ସେକ୍ସନର ଜାତୀୟ ରାଜପଥ ୨୦ରେ ଡିସେମ୍ବର ୧ରୁ ଟୋଲ ପ୍ଲାଜାରେ ଇ-ଟୋଲ ଆଦାୟ



କେନ୍ଦୁଝର, (ପିଏନ): ପାଣିକୋଇଲି-ରିମୁଳି ସେକ୍ସନର ଜାତୀୟ ରାଜପଥ ୨୦ରେ ଡିସେମ୍ବର ୧ରୁ ଟୋଲ ପ୍ଲାଜାରେ ଇ-ଟୋଲ ଆଦାୟ ହେବ। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଜାରୀ କରାଯାଇଥିବା ନୂଆ ନିୟମ ଅନୁସାରେ ଫାଷ୍ଟ୍ୟାଗ ନଥିଲେ ଟୋଲ ଗେଟରେ ଏଣିକି ୨ଗୁଣା ଶୁଳ୍କ ଦେବାକୁ ପଡିବ। ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ ଉପାୟରେ ଶୁଳ୍କ ଆଦାୟ କରି ନିରବଚ୍ଛିନ ସଡକ ଯାତାୟତ ବ୍ୟବସ୍ଥା ପ୍ରଚଳନ ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ଜାତୀୟ ରାଜପଥ ୨୦ ପିଡି ଆର.ଭେଙ୍କଟେଶ୍ୱରୁଲୁ ସୂଚନା ଦେଇଛନ୍ତି। ଡିସେମ୍ବର ପହିଲାରୁ ଜାତୀୟ ରାଜପଥ ୨୦ର ହସନପୁର,ଖଂଟଘର,ବନାଯୋଜି ଟୋଲ ପ୍ଲାଜାରେ ଫାଷ୍ଟ୍ୟାଗ ଆଦାୟ ବ୍ୟବସ୍ଥା ପ୍ରଚଳନ ହେବ ବୋଲି ଜଣାପଡିଛି। ଇ-ଟୋଲ ବ୍ୟବସ୍ଥା ଫଳରେ ଯାନବାହାନ ଗୁଡିକ ଅଯଥା ଅଟକିବାକୁ ପଡିବ ନାହିଁ। ଟୋଲ ଗେଟ ଅତିକ୍ରମ କରିବା ମାତ୍ରେ ଯାନବାହାନର ଝରକା କାଚରେ ଲାଗିଥିବା ଆରଏଫଆଇଡି ଭିତିକ ଫାଷ୍ଟ୍ୟାଗ ସହ ଲିଙ୍କ ଥିବା ବ୍ୟାଙ୍କ ଆକାଉଂଟରୁ ଆପେ ଆପେ ରାଜପଥ ବାବଦ ଶୁଳ୍କ କଟିଟିବ। ଟୋଲ ପ୍ଲାଜାରେ କେବଳ ଫାଷ୍ଟ୍ୟାଗ ବ୍ୟବହାରକାରୀଙ୍କ ପାଇଁ ଲେନ ସଂରକ୍ଷଣ ରହିବ। ଅଣ-ଫାଷ୍ଟ୍ୟାଗ ବ୍ୟବହାରକାରୀଙ୍କୁ ଏହି ଲେନରେ ଯାତାୟତ ପାଇଁ ସାଧାରଣ ରାଜପଥ ଶୁଳ୍କ ତୁଳନାରେ ଦ୍ୱିଗୁଣା ଦେୟ ଦେବାକୁ ପଡିବ। ଏଥିପାଇଁ ଟୋଲ ପ୍ଲାଜାରେ ଗାଡି ମାଲିକଙ୍କୁ ସଚେତନ କରାଯାଉଛି। ତେବେ ପ୍ରତି ଟୋଲ ପ୍ଲାଜାରେ ଗୋଟିଏ ଲେଖାଁଏ ହାଇବ୍ରିଡ ଲେନ ରହିବ,ଯେଉଁଠାରେ ଭାରୀଯାନ ଚଳାଚଳକୁ ପରିଚାଳନା କରାଯିବ ଏବଂ ଫାଷ୍ଟ୍ୟାଗ ଓ ଅନ୍ୟ ମୋଡରେ ପେମେଂଟ ଗ୍ରହଣ କରାଯିବ। ତେବେ ପରବର୍ତୀ ସମୟରେ ପର୍ଯ୍ୟାୟକ୍ରମେ ଏହି ଲେନକୁ ଉଚ୍ଛେଦ କରାଯିବ ବୋଲି ଏନଏଚଏଆଇ-୨୦ର ପ୍ରୋଜେକ୍ଟ ଡାଇରେକ୍ଟର ସୂଚନା ଦେଇଛନ୍ତି।

## କେନ୍ଦ୍ରାପଡା ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ସମୀକ୍ଷା ବୈଠକ

# ଭାଗବତପୁର ପଂଚାୟତ କେନ୍ଦ୍ରାପଡାର ମୁଖଶାଳା-ଡଃ.ସିପ୍ରା ମଲ୍ଲିକ

କେନ୍ଦ୍ରାପଡା (ପିଏନ)- କେନ୍ଦ୍ରାପଡା ବ୍ଲକ ବିଜୁ ଜନତାଦଳ ପକ୍ଷରୁ ଜମଧର ପଂଚାୟତ ଅନ୍ତର୍ଗତ ଜଂଟିଲୋ ଯଜ୍ଞ ପଡିଆ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି(ପୀରଭାଇ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ସଭ୍ୟ ସଂଗ୍ରହ ଜରିଆରେ ଦଳକୁ ଶକ୍ତିଶାଳି କରିବା ଉଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅଭିଯାନ ଆରମ୍ଭ କରିଛନ୍ତି। ଏହାଦ୍ୱାର ପଂଚାୟତ ଠାରୁ ଆରମ୍ଭ କରି ପଂଚାୟତ ସମିତି,ଜିଲ୍ଲା ପରିଷଦ ଓ ରାଜ୍ୟ ସରକାର ସମସ୍ତେ ମଜଭୁତ ହୋଇପାରିବେ ଓ ଆମର ବିକାଶ ଧାରା ଆଗେଇ ଚାଲିବ । ଭାଗବତପୁର ପଂଚାୟତର ପୂର୍ବତନ ସରପଂଚ ସ୍ୱର୍ଗତ ଚିତ୍ତରଞ୍ଜନ ବେହେରା ପଂଚାୟତକୁ ଯେଉଁ ବିକାଶ ପଥରେ ଆଗେଇ ନେଉଥିଲେ ତାଙ୍କର ସେହି ଅଧୁରା ସ୍ୱପ୍ନକୁ ପୁରା କରିବାକୁ ହେଲେ ଆସନ୍ତା ୨୭ତାରିଖ ଉପନିର୍ବାଚନରେ ବିଜେଡି ଦଳର ସମର୍ଥିତ ସରପଂଚ ପ୍ରାର୍ଥୀ ସଂଗମ କୁମାର ସାମଲଙ୍କୁ ବିପୁଳସଂଖ୍ୟାରେ ଜୟଯୁକ୍ତ କରିବାକୁ ଉପସ୍ଥିତ ପଂଚାୟତବାସୀଙ୍କୁ ସେ ନିବେଦନ କରିଥିଲେ। ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ କହୁଥିଲେ ମଇଁଷି ସିଙ୍ଗ ଫଟା ଜୁଝିଲା ବେଳକୁ ଗୋଟା। ଆଜି ସେହିଭଳି ଏହି ମଂଚରେ ଦଳର ସମସ୍ତେ ଏକଜୁଟ ହୋଇଛନ୍ତି । ବିକାଶର ମୁଳଦୁଆ ଏହି ଭାଗବତପୁର ପଂଚାୟତରେ ପଡିଛି ଯେଉଁଠି ଜାତିର ଜନକ ମହାତ୍ମା ଗାନ୍ଧି ବିଶ୍ରାମ ନେଇଥିଲେ । ଏହି ପଂଚାୟତ ଉପ ନିର୍ବାଚନର ପ୍ରାୟ ଦେଢବର୍ଷ ପରେ ତ୍ରିସ୍ତରୀୟ ନିର୍ବାଚନ ଅନୁଷ୍ଠିତ ହେବ ସେ ପର୍ଯ୍ୟନ୍ତ ସେ ନିଜେ ପଂଚାୟତର ଦାୟିତ୍ୱ ନେଉଛନ୍ତି ବୋଲି କହିଥିଲେ। ପଂଚାୟତର ବିକାଶ ଦାୟିତ୍ୱ ତାଙ୍କର ବୋଲି ବିଧାୟକ ଶ୍ରୀ ବେହେରା କହିଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟିକା ତଥା ରାଜ୍ୟ ଖାଦ୍ୟ କମିଶନର ସଦସ୍ୟା ଡଃ.ସିପ୍ରା ମଲ୍ଲିକ ଯୋଗଦେଇ ଭାଗବତପୁର ପଂଚାୟତ କେନ୍ଦ୍ରାପଡାର ମୁଖଶାଳା ବୋଲି ମତବ୍ୟକ୍ତ କରିଥିଲେ । ଏହା ବହୁ ଗୁରୁତ୍ୱ ବହନ କରେ । ପଂଚାୟତର ଗୌରବକୁ ବଜାୟ ରଖିବା ପାଇଁ ଦଳର ସମର୍ଥିତ ସରପଂଚ ପ୍ରାର୍ଥୀ ସଂଗମ ସାମଲଙ୍କୁ ସମସ୍ତେ ଏକାଠି ହୋଇ ଜିତାଇ ଆଣିବାକୁ ସେ ଅନୁରୋଧ କରିଥିଲେ । ଆଜିର ଏହି ସଭା ପୂର୍ବ ସଭା ଭଳି ନିଆରା ଓ ନିଜର ଭଳି ଲାଗୁଛି। ପୁଣି ସେ ପୂର୍ବ ସମୟ ଫେରି ଆସିଛି। ଏଥିସହିତ ଏହି ସଭାରେ ଏକ ସ୍ୱତନ୍ତ୍ରତା ଭରି ରହିବା ସହ ବିଶେଷତା ବହନ କରୁଛି ବୋଲି ପୂର୍ବତନ ବିଧାୟିକା ଡଃ.ମଲ୍ଲିକ କହିଥିଲେ । ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା ଯୋଗଦେଇ ସଭ୍ୟ ସଂଗ୍ରହ କ୍ଷେତ୍ରରେ କେନ୍ଦ୍ରାପଡା ବହୁ ଆଗରେ ରହିଛି ଓ ନବୀନବାବୁଙ୍କ ପାଖରେ ଲୋକମାନେ ନିଜକୁ ହଜାଇ ଦେଇଛନ୍ତି ବୋଲି କହିଥିଲେ। ସାରାଦେଶରେ ଏହି ପଂଚାୟତର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରାକ୍ତନ ସରପଂଚ ସ୍ୱର୍ଗତ ଚିତ୍ତରଞ୍ଜ ବେହେରାଙ୍କ ସ୍ମୃତିକୁ ଉଦଜିବିତ କରିବା ଓ ବିକାଶର ଧାରାକୁ ବଜାୟ ରଖିବା ପାଇଁ ଦଳୀୟ ସରପଂଚ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଅନାମ ବନ୍ଧୁ ଧଳ ଯୋଗଦେଇ ଗ୍ରାମାଂଚଳରେ ପ୍ରତ୍ୟେକ ଗରୀବ ପରିବାରକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ସର୍ବଦା ପ୍ରୟାସ ଜାରିରଖିଥିବା ଆମର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଦଳର ସଭ୍ୟ ସଂଗ୍ରହ ଅଭିଯାନରେ ସମସ୍ତେ ସାମିଲ ହେବାକୁ ନିବେଦନ କରିଥିଲେ । କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳିରେ ଏପର୍ଯ୍ୟନ୍ତ ୪୦ହଜାର ସଭ୍ୟ ସଂଗ୍ରହ ହୋଇଛନ୍ତି। ଏଥିସହିତ ଭାଗବତପୁର ପଂଚାୟତକୁ ଏକ ଶ୍ରେଷ୍ଠ ଓ ଆଦର୍ଶ ପଂଚାୟତ ଭାବେ ଗଢିତୋଳିବାକୁ ଦଳର ସମର୍ଥିତ ପ୍ରାର୍ଥୀ ସଂଗମ ସାମଲକୁ ବିପୁଳ ସଂଖ୍ୟାରେ ମାଛ ଚିହ୍ନରେ ଭୋଟଦେଇ ଜୟଯୁକ୍ତ କରିବାକୁ ସେ ନିବେଦନ କରିଥିଲେ। ଜିଲ୍ଲା ବିଜେଡି କାର୍ଯ୍ୟକାରି ସଭାପତି ଦୁର୍ଗାଶିଷ ମହାନ୍ତି, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ଛାତ୍ର ବିଜେଡି ସଭାପତି ପ୍ରଦୀପ କୁମାର ସାହୁ, ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମହମ୍ମଦ ସେକ ଇନାୟତ(ଚନ୍ଦନ) ପ୍ରମୁଖ ଯୋଗଦେଇ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ଓ ଏହି ପଂଚାୟତ ଉପନିର୍ବାଚନରେ ଦଳର ସମର୍ଥିତ ପ୍ରାର୍ଥୀଙ୍କୁ ବହୁ ଭୋଟରେ ଜିତାଇବାକୁ ନିବେଦନ କରିଥିଲେ । ଭାଗବତପୁର ପଂଚାୟତର ସମିତିସଭ୍ୟ ଧିରେନ୍ଦ୍ର କୁମାର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପଂଚାୟତର ବରିଷ୍ଠ ନେତା ଦେବକିନନ୍ଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁଲନଗର ପଂଚାୟତର ପୂର୍ବତନ ସମିତି ସଭ୍ୟ ତ୍ରିଲୋଚନ ଦାସ, ଅଭିମନ୍ୟୁ ମହାନ୍ତି, ସତ୍ୟରଞ୍ଜନ ରାଉତ, ଅଜୟ କୁମାର ମଲ୍ଲିକ,ପୂର୍ବତନ ପୌର ଉପାଧ୍ୟକ୍ଷା ସବିତା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏଥିରେ ଏକ ହଜାରରୁ ଉର୍ଦ୍ଧ୍ୱ ଦଳୀୟ ସମର୍ଥକ ଯୋଗଦେଇଥିଲେ।

# ବଡବିଲ ଟ୍ରକ୍ ମାଲିକ ସଂଘ ନିର୍ବାଚନ ଘୋଷିତ

କେନ୍ଦୁଝର(ପିଏନ୍): ବହୁ ଅନିଶ୍ଚିତତା ମଧ୍ୟରେ ବିଳମ୍ବିତ ପ୍ରହରରେ ବଡବିଲ ଟ୍ରକ୍ ମାଲିକ ସଂଘ ମାଟୋଆ ନିର୍ବାଚନ ପାଇଁ ଇସ୍ତାହାର ପ୍ରକାଶ ପାଇଛି। ପୂର୍ବରୁ ନିର୍ବାଚନ କମିଟି ବହୁବାର ନିର୍ବାଚନ କରିବାକୁ ଚେଷ୍ଟା କରି ବିଫଳ ହେବାପରେ ଶେଷରେ ବାଧ୍ୟ ହୋଇ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହାର ବିଚାର କରି ଗତ ୧୮ତାରିଖ ଦିନ କେନ୍ଦୁଝର ଜିଲ୍ଲାପାଳ ଓ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତତ୍କାଳ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବରିଷ୍ଠ ଆଇନ୍‌ଜୀବୀ ଶ୍ରୀ ବିରଜା ମିଶ୍ର ଓ ତାଙ୍କର ସହଯୋଗି ଶ୍ରୀ ତନ୍ମୟ ବାରିକ ନିର୍ବାଚନ ପରିଚାଳନା କରିବେ। ଗଣମାଧ୍ୟମକୁ ମିଳିଥିବା ପତ୍ର ଅନୁସାରେ ଆସନ୍ତା ୨୯ତାରିଖ ଦିନ ନିର୍ବାଚନ ହେବ। ପ୍ରାର୍ଥୀ ଆଜି ସକାଳ ୧୦ଟା ରୁ ୩ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୩ଟା ରୁ ୪ଟା ମଧ୍ୟରେ ନାମାଙ୍କନପତ୍ରରେ ତ୍ରୁଟି ୧ଯାଂଚ କରି ସନ୍ଧ୍ୟା ୫.୩୦ସମୟରେ ଚୁଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ପ୍ରାର୍ଥୀପତ୍ର ପ୍ରତ୍ୟାହାରର ସମୟ ଆସନ୍ତା କାଲି ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରହିବ । ୨୯ତାରିଖ ସକାଳ ୧୦ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ । ୫.୩୦ ମିନିଟ୍ ସମୟରୁ ଭୋଟ୍ ଗଣତି ଆରମ୍ଭ ହେବ ଓ ସନ୍ଧ୍ୟାରେ ନିର୍ବାଚନ ଫଳ ଘୋଷଣା କରାଯିବ। ବଡବିଲରେ ଗୋଷ୍ଠୀ କନ୍ଦଳ ତୀବ୍ରତର ରହିଥିବାରୁ ପ୍ରଶାସନ ଏ ନିର୍ବାଚନ ଉପରେ ତୀକ୍ଷଣ ଦୃଷ୍ଟି ରଖିଛନ୍ତି । ଇତି ମଧ୍ୟରେ ନିର୍ବାଚନ ହେବାର ଖବର ପ୍ରବ ଟ୍ରକ୍ ମାଲିକମାନେ ଆନନ୍ଦିତ ହୋଇଛନ୍ତି ।

# ପଙ୍କରୁ ପଦ୍ମ : ଚନ୍ଦନ ଆଣିଲେ ଜିଲ୍ଲା ପାଇଁ ଗୌରବ




କେନ୍ଦୁଝର(ପିଏନ): ଚଳିତ ମାସ ୧୬ ଓ ୧୭ତାରିଖରେ କେରଳର ସୁଲତାନ ଠାରେ ଅନୁଷ୍ଠିତ ଜାତୀୟ କରାଟେ ପ୍ରତିଯୋଗିତା ମାଷ୍ଟର୍ସ କପ୍ ୨୦୧୯ରେ ସ୍ୱର୍ଣ୍ଣପଦକ ଜିତି କେନ୍ଦୁଝର ପାଇଁ ଗୌରବ ଆଣିଛନ୍ତି ୯ବର୍ଷର ବାଳକ ଚନ୍ଦନ ପ୍ରକାଶ ନାଏକ । ପାଟଣା ବ୍ଲକ ଅନ୍ତର୍ଗତ ମଶିଣାବିଲା ଗ୍ରାମର ଡମ୍ବରୁଧର ନାଏକଙ୍କ ପୁଅ ଚନ୍ଦନ ନରଣପୁର ସ୍ଥିତ ଓଡିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ଚତୁର୍ଥ ଶ୍ରେଣୀର ଛାତ୍ର । ବାପା ଡମ୍ବରୁ ଦିନମଜୁରିଆ ହୋଇଥିବାରୁ ପୁଅକୁ କୌଣସି ସହଯୋଗ କରିପାରୁ ନଥିବା ବେଳେ ଚନ୍ଦନର ପ୍ରତିଭା ଦେଖି ନରଣପୁର ଓଡିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ସମ୍ପାଦିକା ଶକୁନ୍ତଳା ମହାନ୍ତ ସହାୟତାର ହାତ ବଢାଇଥିଲେ ଏବଂ ତାଙ୍କୁ ଆଣି ମେସ୍‌ରେ ରଖି ମାଗଣାରେ ଶିକ୍ଷାଦାନ କରାଇବା ସହ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ଯୋଗାଇ ଦେଇଥିଲେ। ଯାହା ଫଳରେ ଦେଶର ଓଡିଶା ସମେତ ଆସାମ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟର ପ୍ରାୟ ୬୫୦ଜଣ ପ୍ରତିଯୋଗିଙ୍କ ମଧ୍ୟରେ ଶ୍ରେଷ୍ଠ ହୋଇ ସ୍ୱର୍ଣ୍ଣପଦକ ଜିତି ଓଡିଶା ରାଜ୍ୟ ତଥା କେନ୍ଦୁଝର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । କେବଳ ସେତିକି ନୁହେଁ ଏହା ପୂର୍ବରୁ ଚନ୍ଦନ ୨୦୧୭ରେ ରାଜ୍ୟସ୍ତରୀୟ ଖେଳି ରୌପ୍ୟ, ୨୦୧୮ରେ ଇଂଟରନ୍ୟାସନାଲ ଲେଭେଲରେ ରୌପ୍ୟ, ଜାତୀୟସ୍ତରରେ ସ୍ୱର୍ଣ୍ଣପଦକ ଜିତି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଚନ୍ଦନ ପ୍ରମାଣ କରି ଦେଇଛନ୍ତି ଯେ ଆର୍ଥିକ ଅନାଟନ ତାଙ୍କର ପ୍ରତିଭାକୁ ପ୍ରଭାବିତ କରିପାରି ନାହିଁ । ପଙ୍କରୁ ପଦ୍ମ ଜାତ ହେଲା ପରି ଚନ୍ଦନ ଆଜି ରାଜ୍ୟ ତଥା ଦେଶର ନାମ ରଖିଛନ୍ତି । ବିଜୟୀ ହୋଇ ଫେରିବା ବେଳେ ତାଙ୍କୁ ସ୍ୱାଗତ କରିବା ପାଇଁ ସ୍କୁଲର ସମସ୍ତ କର୍ମକର୍ତାଙ୍କ ସହ ଭାବନା ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ତଥା ତାଙ୍କର ପ୍ରଶିକ୍ଷକ ଓ ଶୁଭେଚ୍ଛୁ ଉପସ୍ଥିତ ରହି ତାଙ୍କର ସ୍ୱାଗତ କରିଥିଲେ।

# ଜିଲ୍ଲାସ୍ତରରେ ୫-ଟି ସମୀକ୍ଷା ବୈଠକ



ବାଲେଶ୍ୱର-(ପିଏନ)-ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ୫-ଟି କାର୍ଯ୍ୟକାରିତା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାରେ କାର୍ଯ୍ୟରତ ଅପାରଗ ସରକାରୀ କର୍ମଚାରୀ ଯେଉଁମାନଙ୍କ ନାମରେ ୩ଟି ପ୍ରୋସିଡିଂ ଥିବ ଏବଂ ୫୦ ବର୍ଷ ବୟସରୁ ଅଧିକ ହୋଇଥିବେ ସେଭଳି କର୍ମଚାରୀଙ୍କୁ ଚିହ୍ନଟ କରିବା ନିମନ୍ତେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ଆଜି ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଯେଉଁମାନେ ସରକାରୀ ନିୟମ ପାଳନରେ ଟାଳଟୁଳ ମନୋଭାବ ପୋଷଣ, କାର୍ଯ୍ୟରେ ଖିଲା', ସମୟାନୁବର୍ତିତା ହେଉ ନାହାଁନ୍ତି ଏଥି ସହିତ ଜନସାଧାରଣଙ୍କୁ ଉଚିତ ସେବା ପ୍ରଦାନ କରୁନାହାଁନ୍ତି ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦେବା ପାଇଁ ତାଲିକା ପ୍ରସ୍ତୁତ କରାଯିବ । ଆଜିର ବୈଠକରେ ବିଶେଷ ଭାବେ ସର୍ବ ଶିକ୍ଷା ଅଭିଯାନରେ ମଧ୍ୟାହ୍ନ ଭୋଜନ ଓ ୟୁନି'ର୍ମ ପ୍ରଦାନ ଉପରେ ବହୁ ଅଭିଯୋଗ ଆସୁଥିବାରୁ ସେଥିରେ ସ୍ୱଚ୍ଛତା ଆଣିବାକୁ କୁହାଯାଇଥିଲା । ସେହିପରି ସମାଜ ମଙ୍ଗଳ ବିଭାଗ ଦ୍ୱାରା ଶିଶୁମାନଙ୍କୁ ଦିଆଯାଉଥିବା ଛତୁଆ ଏବଂ ୟୁନି'ର୍ମ ବଂଟନକୁ ୧୦ ଦିନ ମଧ୍ୟରେ ସାରିବାକୁ କୁହାଯାଇଥିଲା । ପୋଖରୀ ଖୋଳା ଆବେଦନ ପତ୍ରଗୁଡିକୁ ବହୁତ ଦିନ ନ ପକାଇ ତୁରନ୍ତ ପଦକ୍ଷେପ ନେବାକୁ ମତ୍ସ୍ୟ ବିଭାଗ ଅଧିକାରୀଙ୍କୁ କୁହାଯାଇଛି । ଏଥି ସହିତ ରାସ୍ତା ଓ ଗୃହ ବିଭାଗ ଦ୍ୱାରା ରାସ୍ତାଗୁଡିକରେ ନିର୍ମାଣାଧିନ କଲଭର୍ଟଗୁଡିକ ପାଖରେ ଖାଲ ରହିଥିବା ଏବଂ କେତେକ ସ୍ଥାନରେ ମାଟି ଜମା ରଖିଥିବା ଯୋଗୁଁ ପ୍ରତ୍ୟହ କିଛି ନା କିଛି ଦୁର୍ଘଟଣା ଘଟୁଥିବା ଯୋଗୁଁ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି । ଆସନ୍ତା ୨୫ ତାରିଖରୁ ଜିଲ୍ଲାରେ ମଣ୍ଡି ଖୋଲାଯିବା ଉପରେ ଆଲୋଚନା କରାଯାଇଥିଲା । ଟୋକନ୍ ପ୍ରସ୍ତୁତିରେ ଅନ୍ୟ ଜିଲ୍ଲାମାନଙ୍କରେ ଯେଉଁ ଅବସ୍ଥା ସୃଷ୍ଟି ହୋଇଛି ତାହା ବାଲେଶ୍ୱର ଜିଲ୍ଲାରେ ଯେପରି ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲା ଯୋଗାଣ ବିଭାଗ ତର'ରୁ ମିଲର୍ସମାନେ ଯୋଗାଉଥିବା ନିକୃଷ୍ଟମାନର ଚାଉଳ ଓ ମଧ୍ୟବର୍ତି ଗୋଦାମ ସୃଷ୍ଟି କରିବା ଭଳି ଗୁରୁତର ଅଭିଯୋଗ ଉପରେ ନଜର ଦେବାକୁ ତାଗିଦ୍ କରାଯାଇଛି । ଡାକ୍ତରମାନେ ଡାକ୍ତରଖାନାରେ ରୋଗୀଙ୍କୁ ବାହାର ଔଷଧ କିଣିବା ପାଇଁ ଚିରକୁଟ୍ ଲେଖିବା, ରୋଗୀଙ୍କୁ ଉତ୍କୃଷ୍ଟମାନର ଖାଦ୍ୟ ନ ଦେବା ଆଦି ଅଭିଯୋଗ ଉପରେ ଯାଂଚ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଛି ।ସେହିପରି ଆଂଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟସ୍ଥ ସାଜୁଥିବା କେତେକ କର୍ମଚାରୀଙ୍କ ଉପରେ କଡା ନଜର ଦେବା ସହ କିପରି ସଂପୂର୍ଣ୍ଣ କାର୍ଯ୍ୟାଳୟ ଦଲାଲ ମୁକ୍ତ ହୋଇପାରିବ ସେ ନେଇ ଦୃଢ ପଦକ୍ଷେପ ନେବାକୁ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅବକାରୀ ବିଭାଗ ତର'ରୁ ଯେଉଁ ଧରପଗଡ କରାଯାଉଛି ତାହା ସମୁଦ୍ରକୁ ଶଙ୍ଖେ ପାଣି ଭଳି, ତେଣୁ ବ୍ୟାପକ ମାତ୍ରାରେ ଚଢଉ କରିବା, ବେନିୟମ ମଦ ଓ ନିଶା କାରବାରକୁ ବନ୍ଦ କରିବା ଦିଗରେ ବିଭାଗ ଅଧିକ ପ୍ରଭାବୀ ପଦକ୍ଷେପ ନେବାକୁ କୁହାଯାଇଛି । ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ମଧ୍ୟ ଅନୁରୂପ ଦଲାଲଙ୍କ ପ୍ରାଦୁର୍ଭାବ ନଜରକୁ ଆସିଥିବା ପ୍ରକାଶ କରି ତାକୁ ସ୍ୱଚ୍ଛତାର ସହ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଜିଲ୍ଲାପାଳ ୫-ଟି ଉପରେ ସରକାର କଡା ଆଭିମୁଖ ଗ୍ରହଣ କରିଥିବାରୁ ସମସ୍ତ କର୍ମଚାରୀ ଏଥିପ୍ରତି ସତର୍କ ଏବଂ ଯତ୍ନବାନ ହେବାକୁ କହିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ନାୟକ ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ କରିବାରେ ଯେଉଁ କାର୍ଯ୍ୟାଳୟଗୁଡିକ ଅବହେଳା କରୁଛନ୍ତି ସେମାନେ ସେଥିରେ ଉନ୍ନତି ଆଣିବା ସହ ସ୍ୱତଃପ୍ରବୃତ ସୂଚନା ପ୍ରଦାନକୁ ଗୁରୁତ୍ୱ ଦେବାକୁ କହିଥିଲେ । ଏହି ଅବସରରେ ପିଡି ଡିଆରଡିଏ ମଧ୍ୟ ଅନୁରୂପ ମନ୍ତବ୍ୟ ରଖି ସମଗ୍ର ଜିଲ୍ଲାରେ ସବୁ କର୍ମଚାରୀ ଏକ ଟିମ ଭାବେ କାର୍ଯ୍ୟ କଲେ ସରକାରଙ୍କ ୫-ଟି ଆଭିମୁଖ୍ୟ ପୂରଣ ହୋଇପାରିବ ବୋଲି ସମ୍ବୋଧିତ କରିଥିଲେ । ଏହି ବୈଠକରେ ଉପଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଓ ଲାଇନ ଡିପାର୍ଟମେଂଟର ଅଧିକାରୀମାନେ ଯୋଗ ଦେଇଥିଲେ।

# ପରମ୍ପରା ଓ ସଂସ୍କୃତିର ଗ୍ରାମ 'ବସନ୍ତପୁର'



କେନ୍ଦୁଝର(ପିଏନ): ବର୍ତମାନ ଏହି ମେସିନ୍ ଯୁଗରେ ସମସ୍ତ ମଣିଷ ନିଜକୁ ସାମିଲ କରି ସତେ ଯେପରି ନିଜକୁ ପ୍ରମାଣିତ କରିବା ପାଇଁ ପରସ୍ପର ମଧ୍ୟରେ ଚାଲିଛି ପ୍ରତିଯୋଗିତା । ଯାହାପାଇଁ ଆଜିର ମଣିଷ ଦିନକୁ ଦିନ ନିଜର ସଂସ୍କୃତି ଠାରୁ ଦୂରେଇ ଯାଉଛି । ପାଶ୍ଚାତ୍ ସଭ୍ୟତାକୁ ଆପଣାଇ ନିଜର ପରମ୍ପରା ଓ ସଂସ୍କୃତି ଠାରୁ ଦୂରେଇ ଯାଉଛି । କିନ୍ତୁ ଏହି ଯାନ୍ତ୍ରିକ ଯୁଗରେ ମଧ ଏମିତି ଅଂଚଳ ଅଛି ଯେଉଁ ଠାରେ ନିଜର ସଂସ୍କୃତିକୁ ବଂଚାଇ ରଖିବା ପାଇଁ ଭରପୁର ପ୍ରୟାଶ କରାଯାଉଛି । ଏପରି ଏକ ଗ୍ରାମ ହେଲା ବଡକୋଳିମାଟି ପଂଚାୟତର ବସନ୍ତପୁର ଗ୍ରାମ ।

ଖଣିଖାଦାନ ଭରା ଯୋଡା ବ୍ଲକର ବଡକାଳିମାଟି ପଂଚାୟତର ବଣପାହାଡ ଘେରା ଏହି ଗାଁରେ ବିଶେଷ କରି ଗୋପାଳ ସଂପ୍ରଦାୟର ଲୋକେ ବାସ କରନ୍ତି । ଅନ୍ୟ ସଂପ୍ରଦାୟର ଲୋକଙ୍କ ସହ ଭାଇଚାରାର ଏକ ଦୃଷ୍ଟାନ୍ତ କହିଲେ ଅତ୍ୟୁକ୍ତି ହେବନାହିଁ । ଏଠାରେ ସମସ୍ତେ ମିଳିମିଶି ବାରମାସରେ ତେର ପର୍ବ ପାଳନ କରିଥାନ୍ତି । ରଜ ଓ ହୋଲି ଭଳି ପର୍ବକୁ ଗାଁ ଲୋକେ ଏକତ୍ର ହୋଇ ପାଳନ କରିଥାନ୍ତି । ବିଶେଷ କରି ଏଠାରେ ପ୍ରଥମାଷ୍ଟମୀରେ ହେଉଥିବା ନାମ ସଙ୍କୀର୍ତନ ସହ ଶ୍ରୀକୃଷ୍ଣ ଲୀଳାକୁ ଛୋଟ ବଡ ପିଲାମାନେ ସୁନ୍ଦର ଭାବରେ ପ୍ରଦର୍ଶନ କରନ୍ତି ବିଶେଷ କରି ଶ୍ରୀକୃଷ୍ଣଙ୍କର ରାସଲିଳା । ଓଡିଶାର ବିଭିନ୍ନ ଅଂଚଳରୁ ସଙ୍କୀର୍ତନ ମଣ୍ଡଳୀ ଏଠାରେ ଭିଭିନ୍ନ ଢଙ୍ଗରେ ନିଜର ନାମ ସଙ୍କୀର୍ତନ ପରିବେଷଣ କରିଥାନ୍ତି । ଖାଲି ସେତିକି ନୁହେଁ ଗାଁର କୋହ୍ଲ ସଂପ୍ରଦାୟର ଲୋକ ମଧ୍ୟ ଏଠାରେ ନିଜର ପାରମ୍ପରିକ ନୃତ୍ୟ ପରିବେଷଣ କରିବା ସହ ମାଦଳର ତାଳେ ତାଳେ ଝୁମି ଥାନ୍ତି । କହିବାକୁ ଗଲେ ଏହି ୨ ଦିନ ଏହି ଗାଁ ଶ୍ରୀକୃଷ୍ଣମୟ ହୋଇ ଉଠେ । ଶେଷରେ ଏଠାରେ ହରିବଂଶ ପାଠ କରିବା ସହ ଗାଁରେ ପ୍ରସାଦ ସେବନର କାର୍ଯ୍ୟକ୍ରମ ହୋଇଥାଏ । ଏହି ରାହାସ ଉତ୍ସବ କେବେ ଠାରୁ ଆରମ୍ଭ ହୋଇଛି ତାହା ଅଜଣା କିନ୍ତୁ ଏହି ଉତ୍ସବ ସମୟରେ ଗାଁରେ ପ୍ରାୟ ସମସ୍ତଙ୍କ ବନ୍ଧୁ ବାନ୍ଧବ ସହ ଆଖପାଖ ଅଂଚଳରୁ ହଜାର ହଜାର ଜନସାଧାରଣ ଏକତ୍ରିତ ହୁଅନ୍ତି ବୋଲି କହିଛନ୍ତି ଯୁବ ସମାଜସେବୀ ମିତ୍ରଭାନୁ ମହାକୁଡ ।

## ଟାଟା ଏଆଇଏ ଜୀବନ ବୀମା 'ରକ୍ଷାକରଣ ହିରୋ'

ଭୁବନେଶ୍ୱର: ୯୫୦ମିଲିୟନରୁ ଅଧିକ ଲୋକଙ୍କ ପାଖରେ ଜୀବନ ବୀମା ନାହିଁ। ଅଧିକନ୍ତୁ ଟ. ୧୦୦ର ସୁରକ୍ଷା/ବୀମା ପାଇଁ କେବଳ ଟ. ୮ର ନିବେଶ ଦରକାର ୯୨%ର ସୁରକ୍ଷା ବ୍ୟବଧାନକୁ ଅଗ୍ରଗତି କରିଥାଏ। ରିପବ୍ଲିକ ମିଡିଆ ନେଟୱାର୍କ ସହିତ ଟାଟା ଏଆଇଏ ଜୀବନ ବୀମା ମୁଖ୍ୟତଃ ସୁରକ୍ଷା ଉଦ୍ଦେଶ୍ୟରେ ରକ୍ଷାକରଣ ହିରୋ ପ୍ରାରମ୍ଭ କରିଛି ଯେଉଁଥିରେ କ୍ରୟ ହେଉଥିବା ପ୍ରତ୍ୟେକ ଅବଧି ପଲିସି ପାଇଁ ଟାଟା ଏଆଇଏ ଗୋଟିଏ ବୃକ୍ଷରୋପଣ କରିବ। ଭବିଷ୍ୟତ ପୀଢିକୁ ସୁରକ୍ଷିତ କରିବାର ଏକ ସାମୁହିକ ଲକ୍ଷ୍ୟ ମଧ୍ୟ ଏହା ପଲିସିଧାରକଙ୍କୁ ପ୍ରଦାନ କରିବ। ଟାଟା ଏଆଇଏ ଜୀବନ ବୀମାର ଏମଡି ଓ ସିଇଓ, ଋଷି ଶ୍ରୀବାସ୍ତବ ଏହି ଅବସରରେ କହିଲେ, ଟାଟା ସମୂହର ଏକ ଅଂଶ ହୋଇଥିବାରୁ ବୃହତର ସୁରକ୍ଷା ଦ୍ୱାରା ସମାଜର ସେବା କରିବା ଉଦ୍ଦେଶ୍ୟ ଆମର କାର୍ଯ୍ୟକୁ ଦିଗ ନିର୍ଦ୍ଦେଶ କରିବ। ପର୍ଯ୍ୟାବରଣକୁ ସୁରକ୍ଷା ଦେଉଥିବା ବେଳେ ପରିବାରମାନଙ୍କୁ ଆର୍ଥିକ ସୁରକ୍ଷା ଦେବା ପାଇଁ ଆମର ଉଦ୍ଦେଶ୍ୟକୁ ଏକ ବୃହତର ସାମାଜିକ ଲକ୍ଷ୍ୟ ସହିତ ମିଶ୍ରଣ କରିଛି। ସେମାନଙ୍କ ପ୍ରତ୍ୟେକଙ୍କ ତରଫରୁ ଏକ ବୃକ୍ଷ ରୋପଣ କରି ସେମାନଙ୍କର ପରିବାରକୁ ସୁରକ୍ଷା ଦେବା ଏବଂ ପର୍ଯ୍ୟାବରଣ ପାଇଁ ଏହି ସୁରକ୍ଷା ସମ୍ପ୍ରସାରିତ କରିବାର ଦୃଢ ପଦକ୍ଷେପ ଉଠାଉଥିବା ଆମର ପଲିସିଧାରକମାନଙ୍କର ସାହସିକତା ପାଇଁ ଆମେ ଉତ୍ସବ ପାଳନ କରୁଛୁ। ପଲିସିଧାରକମାନଙ୍କର ପ୍ରତିକ୍ରିୟା ଦ୍ୱାରା ମୁଁ ପ୍ରୋତ୍ସାହିତ ଏବଂ ପ୍ରସନ୍ନ ହୋଇଛି ଏବଂ ସୁରକ୍ଷାକୁ ଆହୁରି ଆଗକୁ ପରିବ୍ୟାପ୍ତ କରିବାପାଇଁ ଏହି ଆମର ସଙ୍ଗଠନକୁ ଆବେଶ କରିଛି। ଏହି ପ୍ରାରମ୍ଭ ଭବିଷ୍ୟତ ପିଢୀକୁ ସର୍ବାଧିକ ପ୍ରଭାବିତ କରିବ। ସେମାନଙ୍କର କାଲି ସୁରକ୍ଷିତ କରିବା ପାଇଁ ଆଜିଠୁ ଆରମ୍ଭ କରିବାର ଗୁରୁତ୍ୱର ବିଷୟରେ ନିୟୋଜିତ କରିବା ପରମ ଲାଭାର୍ଥୀଙ୍କ ସହିତ ପ୍ରାରମ୍ଭ ପ୍ରତିଫଳିତ ହେଉଥିବା ସୁନିଶ୍ଚିତ କରିଥାଏ ଏବଂ ସାରା ଦେଶରେ ଏକ ଅକ୍ଷୟ ପ୍ରଭାବ ଛାଡିଥାଏ। ରିପବ୍ଲିକ୍ ମିଡିଆ ନେଟୱାର୍କର ୯ଏମ୍ଏନ୍+ ଅଧିକ ସାପ୍ତାହି ଦର୍ଶକଙ୍କ ପାଖଷର ଏକ କ୍ରମବର୍ଦ୍ଧିଷ୍ଣୁ ପହଂଚ ଏବଂ ୧୦+ଏଚ୍ଡି ଓଟିଟି ଅଧିକ ପ୍ଲାଟଫର୍ମରେ ଉଚ୍ଚ ପ୍ରସାରଣ ମାଧ୍ୟମରେ ଏକ ରକ୍ଷାକରଣ ହିରୋ ହେବାର ଗୁରୁତ୍ୱ ଉପରେ ସାରା ଦେଶରେ ଭାରତୀୟମାନଙ୍କୁ ଏହି ପ୍ରାରମ୍ଭ ନିୟୋଜିତ କରିବ ଏବଂ ଏହି ଆନ୍ଦୋଳନର ଏକ ଅଂଶ ହେବାକୁ ସେମାନଙ୍କୁ ଉତ୍ସାହିତ କରିବ। ରିପବ୍ଲିକ ମିଡିଆ ନେଟୱାର୍କ ଗୋଷ୍ଠୀ ସିଇଓ ବିକାଶ ଖାନଚିନ୍ଦାନି କହନ୍ତି ' ସକରାତ୍ମକ ପରିବର୍ତ୍ତନ ଏବଂ ପ୍ରଭାବ ଆଣୁଥିବା ଶକ୍ତିଶାଳୀ ଉଦ୍ଦେଶ୍ୟ ସହିତ ପରିଯୋଜନା ନିର୍ମାଣ କରିବା ପାଇଁ ଭାଗୀବାରୀ ମାନଙ୍କ ପାଖରେ ରିପବ୍ଲିକ ପ୍ରତିବଦ୍ଧ ଅଟେ। ଜଳବାୟୁ ସ୍ଥିରତା ଏକ ଜରୁରୀ ଚିନ୍ତା ଏବଂ ଏକ ଆନୁଷ୍ଠାନିକ ସ୍ତରରେ ରକ୍ଷାକରଣ ହିରୋ ଭଳି ପ୍ରାରମ୍ଭ ଦ୍ୱାରା ଏହି ଚିନ୍ତା ଉପରେ ସମ୍ବୋଧନ କରିବା ଗୁରୁତ୍ୱପୂର୍ଣ୍ଣ। ଏହି ମହାନ ପ୍ରାରମ୍ଭ ଉପରେ ଟାଟା ଏଆଇଏ ଲାଇଫ ଇନ୍ସୁରେନ୍ସ ସହିତ ଭାଗୀଦାରୀ କରି ଆମେ ଅତ୍ୟନ୍ତ ପ୍ରସନ୍ନ ଏବଂ ରକ୍ଷାରକଣ ହିରୋକୁ ଲୋକପ୍ରିୟ କରିବାକୁ ଆମର ସମସ୍ତ ପହଂଚ ଏବଂ କ୍ଷମତା ପ୍ରସାରିତ କରିବୁ।

## ଗୌହାଟିରେ ଇମ୍ପେରିୟାଲ୍ ବ୍ଲୁ ସୁପର ହିଟ୍ ନାଇଟ୍ର ୬ଷ୍ଠ ସିଜିନ୍ ହିରୋ ସହିତ ମିଳିତ ଭାବେ ସମ୍ପନ୍ନ ହେବ

ଭୁବନେଶ୍ୱର : ଇମ୍ପେରିୟାଲ୍ ବ୍ଲୁ ପକ୍ଷରୁ ଆୟୋଜିତ ୬ଷ୍ଠ ସିଜିନ୍ର ଆକର୍ଷଣୀୟ ସଙ୍ଗୀତ ସନ୍ଧ୍ୟା ମିଳିତ ଭାବେ ହିରୋ ସହିତ ଗୌହାଟିରେ ୨୦୧୯ ନଭେମ୍ବର ୨୪ରେ ଅନୁଷ୍ଠିତ ହେବ। ଏହି ସିଜିନ୍ର ରକ୍ ଆଣ୍ଡ୍ ଲୋଲ୍ କାର୍ଯ୍ୟକ୍ରମ ଗୌହାଟିରେ କରାଯିବା ପରେ ୧୧ଟି ସହର ପରିକ୍ରମା କରି ସୁପରହିଟ୍ ନାଇଟ୍ ପ୍ରଦର୍ଶନ ହେବ। ୬ଷ୍ଠ ସିଜିନ୍ରେ ବିଶାଳ ଶେଖର, ସୁନୀଲ୍ ଗ୍ରୋଭର, ଜାସି ଗିଲ୍, ଜୁବେନ୍ ଗର୍ଗ, ବି. ପ୍ରାକ୍ ଏବଂ କେ.କେ. ମୋହନ ପ୍ରମୁଖ କଳାକାର ଲାଇଭ୍ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ। ଏହାପରେ ନଭେମ୍ବର ୩୦ରେ ଜୋରହାଟ୍, ଡିସେମ୍ବର ୧ରେ ଆସାନସୋଲ୍, ଡିସେମ୍ବର ୮ ରେ ଡିବ୍ରୁଗଡ଼, ୧୪ ଡିସେମ୍ବରରେ ଜୟପୁର, ୧୧ ଜାନୁୟାରୀରେ ବାଙ୍ଗାଲୁରୁ, ୧୨ ଜାନୁୟାରୀରେ କୋଲକାତା, ୧୯ ଜାନୁୟାରୀରେ ଆମ୍ବଲା, ୧ ଫେବୃୟାରୀରେ ମାଙ୍ଗାଲୋର, ୮ ଫେବୃୟାରୀରେ ହାଇଦ୍ରାବାଦ୍, ୧୫ ଫେବୃୟାରୀରେ ଭାଇଜାଗ୍ ଆଦିଠାରେ ସମ୍ପନ୍ନ ହେବ।ଏହି ଅବସରରେ ପରନଡ୍ ରିକାର୍ଡ ଇଣ୍ଡିଆର ମୁଖ୍ୟ ମାର୍କେଟିଙ୍ଗ ଅଧିକାରୀ ମହିନ୍ଦ୍ରା କାର୍ତ୍ତିକ କହିଲେ, '' ଇମ୍ପେରିୟାଲ୍ ବ୍ଲୁ ସୁପରହିଟ୍ ନାଇଟସ୍ ଅ'ର୍ଗତ ଏହି କାର୍ଯ୍ୟକ୍ରମରେ ପ୍ରତିବର୍ଷ ଭିନ୍ନ ଭିନ୍ନ ପ୍ରତିଭା ନିଜର ପ୍ରଦର୍ଶନ କରିଥା'। ଚଳିତ ବର୍ଷ ଏହାର ୬ଷ୍ଠ ସିଜିନ୍ରେ ଲୋକପ୍ରିୟ ପ୍ରତିଭା ମାନଙ୍କ ଫରହାନ ଲାଇଭ୍ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନୋରନର ଅତୁଳନୀୟ ଖୋରାକ ଯୋଗାଇବ। କଳାକାରମାନେ ନିଜ ସଙ୍ଗୀତର ଯାଦୁରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବାରେ ସକ୍ଷମ ହେବାର ଆଶା ରହିଛି।'ଗତ ସିଜିନ୍ରେ ଇମ୍ପାରିୟାଲ୍ ବ୍ଲୁ ସୁପରହିଟ୍ ନାଇଟସ୍ରେ ନେହା କାକ୍କରଙ୍କ ଅତୁଳନୀୟ ପ୍ରଦର୍ଶନ ୭ଟି ସହରରେ ହୋଇଥିଲା। ଏଥିରେ ୧୦୦,୦୦୦ରୁ ଅଧିକ ଦର୍ଶକ ଯୋଗଦେଇଥିଲେ।

## ଆମ୍ୱେ ଇଣ୍ଡିଆ ପକ୍ଷରୁ ପଲ୍ଲୀ ଉନ୍ନୟନ ସେବା ସମିତିରେ ସାର୍ବଜନୀନ ଶିଶୁ ଦିବସ ପାଳିତ



ଭୁବନେଶ୍ୱର: ଉନ୍ନତ ଜୀବନ ବଂଚିବା ଲାଗି ଲୋକମାନଙ୍କୁ ସହାୟତା କରିବା ଉପରେ ଗୁରୁତ୍ୱ ଜାରି ରଖି ଦେଶର ସର୍ବବୃହତ ଏଫ୍ଏମ୍ସିଜି ପ୍ରତ୍ୟକ୍ଷ ବିକ୍ରି କଂପାନି ଆମ୍ୱେ ଇଣ୍ଡିଆ ପକ୍ଷରୁ ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଇଛି। ଆମ୍ୱେ ଇଣ୍ଡିଆର ସିଏସ୍ଆର୍ ପ୍ରକଳ୍ପ-ପ୍ରୋଜେକ୍ଟ ସନ୍ରାଇଜର୍ ଅଂଶ ସ୍ୱରୂପ ସାରା ଭାରତରେ ୧୨ ଏନ୍ଜିଓ ସହଯୋଗୀଙ୍କ ସହ ମିଶି ଏହି ବାର୍ଷିକ ଉତ୍ସବ ପାଳନ କରାଯାଉଛି ଯାହା ଜରିଆରେ ଭାରତର ଉପେକ୍ଷୀତ ବର୍ଗର ପିଲାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ସୁବିଧା ପ୍ରଦାନ କରି ସେମାନଙ୍କ ସାମଗ୍ରିକ ବିକାଶର ପ୍ରସାର କରିବାକୁ ଆମ୍ୱେ ଲକ୍ଷ୍ୟ ରଖିଛି। ଏହି ଉତ୍ସବ ପାଳନରେ ଯୁବପିଢ଼ିଙ୍କୁ ବିଭିନ୍ନ ପ୍ରକାର ଭାବବିନିମୟ ଭିତିକ କାର୍ଯ୍ୟକ୍ରମ ଜରିଆରେ ଉତ୍ସାହିତ ଓ ସଶକ୍ତ କରାଯାଉଛି। ଏଥିରେ ସାମିଲ ରହିଛି ଚିତ୍ରାଙ୍କନ ପ୍ରତିଯୋଗିତା, ସଙ୍ଗୀତ ପ୍ରଦର୍ଶନ, ପ୍ଲାଷ୍ଟିକ୍ର ବ୍ୟବହାରକୁ ଦୂର କରିବା ଦିଗରେ ଲୋକମାନଙ୍କୁ ସଚେତନ କରିବା ଲାଗି ସର୍ଟ ସ୍କିଟ୍, ଭାବ ବିନିମୟ କର୍ମଶାଳା, କଣ୍ଢେଇ ନୃତ୍ୟ ପ୍ରଦର୍ଶନ ଏବଂ ଆହୁରି ବହୁତ କିଛି।ଭୁବନେଶ୍ୱରରେ ଆମ୍ୱେ ଇଣ୍ଡିଆ ପକ୍ଷରୁ ପଲ୍ଲୀ ଉନ୍ନୟନ ସେବା ସମିତି ସହଯୋଗରେ ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଇଛି ଯେଉଁଥିରେ ଶିଶୁମାନଙ୍କ ଜ୍ଞାନ ପରିସୀମା ବୃଦ୍ଧି କରିବାର ଅଂଶ ସ୍ୱରୂପ ସେମାନଙ୍କୁ ଆଂଚଳିକ ବିଜ୍ଞାନ କେନ୍ଦ୍ରକୁ ପରିଦର୍ଶନରେ ନିଆଯାଇଥିଲା। ୩୦୦ରୁ ଅଧିକ ପିଲା ଏହି ଦିବସବ୍ୟାପୀ ଭ୍ରମଣରେ ଅଂଶଗ୍ରହଣ କରିଥିଲେ ଏବଂ ଏହାର ଶେଷ ବେଳକୁ ପିଲାମାନେ ପରସ୍ପର ସହିତ ଅତି ଖୁସିର ନିଜର ଭାବନାକୁ ବାଂଟୁଥିବା ଦେଖିବାକୁ ମିଳିଥିଲା। ଏହି ଦିନଟି ପଲ୍ଲୀ ଉନ୍ନୟନ ସେବା ସମିତିର ପିଲାମାନଙ୍କ ଲାଗି କୌତୁକ ଏବଂ ଶିକ୍ଷାର ଏକ ଦିବସ ଥିଲା।

## ଜୁଆ ଆଡ୍ଡା ଉପରେ ପୋଲିସର ଚଢାଉ, ୭ ଗିରଫ

ଜୟପୁର: ଜୟପୁର ସଦର ପୋଲିସ ଜୁଆ ଖେଳ ଚାଲୁଥିବା ବେଳେ ଚଢାଉ କରିଛି । ଜୟପୁର ସଦର ବୁଧବାର ଦିନ ପୋଲିସ ବିଳମ୍ବିତ ରାତ୍ର ରେ ପେଟ୍ରୋଲିଂ କରୁଥିବା ବେଳେ ଖବର ପାଇ ଦାମାପୁଟ ଠାରେ ଖେଳ ଚାଲୁଥିବା ବେଳେ ଅତର୍କିତ ଭାବେ ପୋଲିସ ଚଢାଉ କରି ଏହି ୭ ଜଣକୁ ଗିରଫ କରିଛି। ଚଢାଉ କରି ସଦର ପୋଲିସ ୭ ଜଣକୁ ଗିରଫ କରିଛି । ୭ ଜଣଙ୍କ ମଧ୍ୟରୁ ୬ ଜଣ ଜୟପୁର ଅଂଚଳର ହୋଇଥିବା ବେଳେ ଜଣେ ଛତିଶଗଡ ଜଗଦଲପୁର ଅ ଳର ବୋଲି ପୋଲିସ ସୁଚନା ଦେଇଛି । ସେମାଙ୍କ ଠାରୁ ପୋଲିସ ୨ ଲକ୍ଷ୪୫ ହଜାର,୧୨୦ ଟଙ୍କା, ୯ଟି ମୋବାଇଲ, ସିଜି୦୪ଏଲଜେଡ ୪୪୪୭ ଏବଂ ଓଡ଼ି୧୦ସି୧୧୪୪ ନମ୍ବରବିଶିଷ୍ଟ ଦୁଇଟି କାର, ଓଡ଼ି୧୦୦୭୦୦ନମ୍ବର ଥିବା ଗୋଟିଏ ମଟର ସାଇକେଲ କୁ ଜବତ କରିଛି । ଜୟପୁର ଏସଡିପିଓ ବରୁଣ ଗୁଣ୍ଡପାଲ୍ଲି, ଏସଆଇ ଏମ.ଡି ନାୟକ ସହ ସଦର ପୋଲିସ ଚଢାଉ କରିଥିଲା ।

## ମୁମ୍ବାଇରେ ନଭେମ୍ବର ୨୮ ଓ ୨୯ରେ ଆୟୋଜିତ ହେବ ବୃତିଗତ ସୁରକ୍ଷା ଓ ସ୍ୱାସ୍ଥ୍ୟ ବାଣିଜ୍ୟ ପ୍ରଦର୍ଶନୀ 'ଓଏସ୍ଏଚ୍ ଇଣ୍ଡିଆ ୨୦୧୯'

ଭୁବନେଶ୍ୱର: ବୃତିଗତ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ନେଇ ଦକ୍ଷିଣ ଏସିଆର ସର୍ବବୃହତ ବାଣିଜ୍ୟ ପ୍ରଦର୍ଶନୀ 'ଓଏସ୍ଏଚ୍ ଇଣ୍ଡିଆ ୨୦୧୯'କୁ ଚଳିତ ମାସ ନଭେମ୍ବର ୨୮ ଓ ୨୯ ତାରିଖରେ ମୁମ୍ବାଇର ବମ୍ବେ ଏକ୍ଜିଭିସନ୍ ସେଂଟରରେ ଆୟୋଜନ କରାଯି। ଇନଫର୍ମା ମାର୍କେଟସ୍ ଇନ୍ ଇଣ୍ଡିଆ ନାମକ ସଂସ୍ଥା ପକ୍ଷରୁ ଏହି ବାଣିଜ୍ୟ ମେଳାର ଅଷ୍ଟମ ସଂସ୍କରଣକୁ ଆୟୋଜନ କରାଯାଉଛି । ଏହି ଅବସରରେ ଆ'ର୍ଜାତିକ ଖ୍ୟାତି ସମ୍ପନ୍ନ ପ୍ରଦର୍ଶନକାରୀ, ପରାମର୍ଶଦାତା, ବ୍ୟବସାୟ ବିଶେଷଜ୍ଞ ଏବଂ ପ୍ରମୁଖ ସରକାରୀ ଅଧିକାରୀମାନଙ୍କୁ ଗୋଟିଏ ସ୍ଥାନରେ ଦେଖିବାକୁ ମିଳିବ। ସେମାନେ ସମଗ୍ର ବିଶ୍ୱରେ ପ୍ରଚଳନରେ ଥିବା ଶ୍ରେଷ୍ଠ ବ୍ୟବସ୍ଥା ଓ କର୍ମକ୍ଷେତ୍ରରେ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ନେଇ ରହିଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋଚନା କରିବେ। ସୁରକ୍ଷା ଶିଳ୍ପ ପାଇଁ ଓଏସ୍ଏଚ୍ ଇଣ୍ଡିଆ ୨୦୧୯ ହେଉଛି ସବୁଠୁ ପ୍ରତୀକ୍ଷିତ ବାର୍ଷିକ ପ୍ରଦର୍ଶନୀ। ପ୍ରାୟ ୧୫୦ ସଂସ୍ଥା ଏଥିରେ ସାମିଲ ହେବେ ବୋଲି ଆଶା କରାଯାଉଛି। ଅନେକ ଖ୍ୟାତି ସମ୍ପନ୍ନ ସଂଘ ମଧ୍ୟ ଏଥିରେ ଯୋଗ ଦେବେ। ଏହି ପ୍ରଦର୍ଶନୀକୁ ସେଫ୍ଟି ମ୍ୟାନେଜର, କନସଲଟାଂଟ, ପ୍ରତିରକ୍ଷା ପ୍ରତିଷ୍ଠାନ, ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞ, ସ୍ୱାସ୍ଥ୍ୟ ଓ ସୁରକ୍ଷା ଉତ୍ପାଦ ପ୍ରସ୍ତୁତ କରୁଥିବା କଂପାନି, ଇଲେକ୍ଟ୍ରିକାଲ୍ ଇଂଜିନିୟର, ଲଜିଷ୍ଟିକସ୍ ପେସାଦାର, ମ୍ୟୁନିସପାଲିଟି କର୍ତ୍ତୃପକ୍ଷ ଓ ଟାଉନ୍ ପ୍ଲାନର୍ମାନେ ବୁଲି ଦେଖିବେ। ଏହି ଅବସରରେ ଶ୍ରୀଯୁକ୍ତ ଯୋଗେଶ ମୁଦ୍ରାସ, ପରିଚାଳନା ନିର୍ଦ୍ଦେଶକ, ଇନ୍ଫର୍ମା ମାର୍କେଟସ୍ ଇନ୍ ଇଣ୍ଡିଆ କହିଛଁି ଯେ, 'ସଂସ୍ଥାର ପ୍ରଭାବ ବିଷୟରେ କର୍ମଚାରୀଙ୍କ ବୃତିଗତ ଓ ସ୍ୱାସ୍ଥ୍ୟ ଏକ ନିଷ୍ପତି ନେବା ଭଳି ପ୍ରସଙ୍ଗ। ସରା ବିଶ୍ୱରେ କଂପାନିଗୁଡ଼ିକରେ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ରହିଥିବା ନିୟମ ପାଳନର ମାତ୍ରାରେ ବଢ଼ିବାରେ ଲାଗିଛି। ଏହି କ୍ଷେତ୍ରରେ ପୁଂଜିନିବେଶ ମଧ୍ୟ ହେଉଛି ଯାହା ଉତ୍ପାଦ ଓ ଯେବା ଯୋଗାଣକାରୀଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରିଛି। ଭାରତରେ ଏହି କ୍ଷେତ୍ରରେ ରହିଥିବା ସୁଯୋଗକୁ ହାସଲ କରିବା ଲାଗି ଯୋଗାଣକାରୀ ଓ ସେବା ପ୍ରଦାନକାରୀମାନେ ସେମାନଙ୍କ ସମାଧାନକୁ ଓଏସ୍ଏଚ୍ ଇଣ୍ଡିଆ ୨୦୧୯ରେ ପ୍ରଦର୍ଶିତ କରିପାରିବେ। ଏହି କ୍ଷେତ୍ରରେ ଥିବା ପ୍ରଯୁକ୍ତିରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଥିବାରୁ ଏହି କ୍ଷେତ୍ର ପାଇଁ ଅଭିବୃଦ୍ଧିର ବିଶେଷ ସୁଯୋଗ ରହିଛି । ଆମ ଏକ୍ସପୋରେ ଯୋଗାଣକାରୀ ଓ ସେବା ପ୍ରଦାନକାରୀଙ୍କ ପାଇଁ ଭାବ ବିନିମୟର ବିଶେଷ ସୁଯୋଗ ରହିବ।''ଓଏସ୍ଏଚ୍ ଇଣ୍ଡିଆରେ ଇନୋଭେସନ୍ ଜୋନ୍ ରହିବ। ଏହା ବ୍ୟତୀତ ବେଷ୍ଟ ପ୍ରଡକ୍ଟ ଇନୋଭେସନ୍ ଆୱାର୍ଡ ମଧ୍ୟ ପ୍ରଦାନ କରାଯିବ। ଚଳିତ ବର୍ଷ ଏକ୍ସପୋରେ ଏନଇବିଓଏସ୍ଏଚ୍ ଏହାର ନୂତନ ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିବ ବୋଲି ଏହାର ସିଇଓ ଇଆନ୍ ଟେଲର୍ କହିଛନ୍ତି। କରମ୍ ନାମକ ସଂସ୍ଥା ମଧ୍ୟ ଏଥିରେ ଅଂଶ ଗ୍ରହଣ କରିବ ବୋଲି ଏହାର ସଭାପତି-ଗ୍ଲୋବାଲ୍ ମାର୍କେଟିଂ ହେମନ୍ତ ସାପ୍ରା କହିଛନ୍ତି।

## କୋରାଇ ଜୁନିୟର ମହାବିଦ୍ୟାଳୟରେ ବାଳିକା ଆତ୍ମ ରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ

କୋରେଇ: କୋରାଇ ସ୍ଥିତ କାହ୍ନୁଚରଣ ଜୁନିୟର ମହାବିଦ୍ୟାଳୟରେ ବାଳିକା ମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବର ଉଦଘାଟିତ ହୋଇଛି। ୧୨ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରକୁ ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠଶିକ୍ଷାବିତ୍ ସଚ୍ଚିଦାନନ୍ଦ ରାଉତ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲୋ। ଅନୁଷ୍ଠିତ ଶିବର ବିଭାଗୀୟ ସଂଯୋଜକ ତଥା କ୍ରୀଡା ଶିକ୍ଷକ ମନ୍ମଥ ଜେନାଙ୍କ ତତ୍ତ୍ୱାବଧନାରେ ଜୁନିୟର ମହାବିଦ୍ୟାଳୟର ୧୫୭ଜଣ ଛାତ୍ରୀ ପ୍ରଶିକ୍ଷଣ ପାଇଁ ସାମିଲ ହୋଇଥିଲା ବେଳେ ସନ୍ତୋଷିରାଣୀ ପଣ୍ଡା ଓ ଜ୍ୟୋତ୍ସ୍ନାରାଣୀ ନନ୍ଦ ପ୍ରମୁଖ ଦୁଇଜଣ ତାଲିକମପ୍ରାପ୍ତ ପ୍ରଶିକ୍ଷିକା ପ୍ରଶିକ୍ଷଣ ଦେଇଥିଲେ । ଶିବିର ଉଦ୍ଘାଟନ ଅବସରରେ ଏକ ସଭା ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତି ରଞ୍ଜନ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ମୁଖ୍ୟଅତିଥିଭାବେ ଉଦ୍ଘାଟକ ଶ୍ରୀ ରାଉତ ଯୋଗ ଦେଇ ବିପଦ ଆସିଲେ ବାଳିକମାନେ କିପରି ତାହକୁ ପ୍ରତିହତ କରିପାରିବେ ସେନେଇ ଉପାଦେୟ ବକ୍ତବ୍ୟମାନ ପ୍ରଦାନ କରିଥିଲୋ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ଅନିଲ କୁମାର ସାହୁ, ବିରଂଚି ନାରାୟଣ ଦାସ, ରବିନ୍ଦ୍ର କୁମାର ବିଶ୍ୱାଳ, ବିକ୍ରମ କେଶରୀ ପାତ୍ର, ରଞ୍ଜନ କୁମାର ସାହୁ, କୈଳାଶ ଚନ୍ଦ୍ର ରାଉତ, ଅଜୟ କୁମାର ସାହୁ, ଅରୁଣ କୁମାର ସ୍ୱାଇଁ, ବିଷ୍ଣୁ ଚରଣ ପାଢୀ, ଜଗନ୍ନାଥ ମହାନ୍ତି, ଅଧ୍ୟାପିକା ଉମା ମହାନ୍ତି, ଭାଗବତ ପ୍ରସାଦ ମହାନ୍ତି, ପ୍ରତାପ ପ୍ରତିହାରୀ, ଦେବେନ୍ଦ୍ର ବେହେରା, ଦିଗାମ୍ବର ସାହୁ, ରବିନ୍ଦ୍ର କୁମାର ପରିଡା, ରାଜେନ୍ଦ୍ର କୁମାର ବେହେରା, ବାସନ୍ତି ବେହେରା ଓ ବାସନ୍ତି ପଟ୍ଟନାୟକ ପ୍ରମୁଖ ଅନୁଷ୍ଠାନର ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

## ଡାକ୍ତର ନିଯୁକ୍ତି ଦାବିରେ କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟରେ ଧାରଣା ୨୪ରେ

କୋରେଇ: କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ସ୍ଥାନୀୟ ଅଧିବାସୀ ବହୁ ହିନସ୍ତା ଭୋଗ କରଉଛନ୍ତି। ଡାକ୍ତର ନିଯୁକ୍ତି ଦାବିରେ ସ୍ଥାନୀୟ ଅଧିବାସୀଙ୍କ ଦ୍ୱାରା ଡାକ୍ତରଖାନାର ଅଧିକାରୀ ଓ ଥାନାରେ ଗତ ୪ ତାରିଖ ଲିଖିତଭାବେ ଜଣାଯାଇଥିଲା । ମାତ୍ର ୧୫ ଦିନ ଅତିବାହିତ ହୋଇଥିଲେ ମଧ୍ୟ ଡାକ୍ତର ନିଯୁକ୍ତି ମିଳିଲା ନାହିଁ । ଫଳରେ ପୁର୍ବତନ ସରପଂଚ ପୁରସ୍ତମ ଦାସ, ମମତାଜ ଅଲ୍ଲୀ, କେଶବ ବାରିକ ପ୍ରମୁଖ କୋରାଇ ଥାନା ଅଧିକାରୀଙ୍କ ନିକଟରେ ଆଜି ଲିଖିତ ଭାବେ ଅଭିଯୋଗ କରିଛନ୍ତି ।

## ଜିଲ୍ଲା ସ୍ତରୀୟ ସରଗିଫୁଲ ଉଦଘାଟିତ

ଜୟପୁର : ଜିଲ୍ଲା ସ୍ତରୀୟ ସରଗିଫୁଲ ୨୦୧୯ ଗୁରୁବାର ଦିନ ଉଦଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମ ୨୩ ତାରିଖ ଯାଏ ଚାଲିବ । ଅନୁସୁଚି ଜନ ଜାତି ଓ ଅନୁସୁଚିତ ଜାତି ଉନ୍ନୟନ ବିଭାଗ କୋରାପୁଟ ଦ୍ୱାରା ଆୟୋଜିତ ଏହି ଛାତ୍ର ଛାତ୍ରୀ ମହୋତ୍ସବରେ ୧୫୬ଟି ବିଦ୍ୟାଳୟର ୨ ହଜାର ଛାତ୍ର ଛାତ୍ରୀ ଓ ୩ ଶହ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ଅନୁସୁଚିତ ଜନଜାତି ଓ ଜାତି ପିଲାଙ୍କ ମଧ୍ୟରେ ରହିଥିବା ଲୁକକାୟିତ ପ୍ରତିଭାକୁ ପ୍ରୋତ୍ସାହନ ଏବଂ ଆଗକୁ ବଢାଇବା ପାଇ ପ୍ରତି ବର୍ଷ ବିଭାଗ ପକ୍ଷରୁ ଆୟୋଜନ କରାଯାଉଅଛି । ଆଜିର ଏହି ଉଦଘାଟନ ଉତ୍ସବରେ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଦେବେନ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦୋଇଥିବା ବେଳେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କାରୁ ସୋରେନ, ଆଇଟିଡିଏ ଜୟପୁରର ପ୍ରକଳ୍ପ ପ୍ରଶାସକ ଗୋପିନାଥ ସାରକା, ମଣ୍ଡଳ ଶିକ୍ଷାଧିକାରି ପ୍ରଣକୃଷ୍ଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ପ୍ରଧାନ ତାଙ୍କ ଅଭିଭାଷଣରେ ଛାତ୍ର ଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ପରିସ୍ଫୁଟନ ପାଇ ଚେଷ୍ଟା କିପରି କରାଯିବ ତାହା ସେ କହିଥିଲେ । ବିଗତ ୨୦ ବର୍ଷରେ ଏହି ବିଭାଗରେ ଶିକ୍ଷା ଓ ବିଦ୍ୟାଳୟର ଉନ୍ନତି ବହୁତ ହୋଇଛି ବୋଲି କହିଥିଲେ । ସରଗିଫୁଲ ରେ ଜିଲା ସ୍ତରିୟ ବିଜ୍ଞାନ ପ୍ରଦର୍ଶନୀ ଓ ଭଲିବଲ ପ୍ରତିଯୋଗିତା ମଧ୍ୟ ଉଦଘାଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜ୍ଞାନ, ଗଣିତ ଓ ସାଧାରଣ କୁଇଜ, ଏକକ ସଂଗୀତ, ଏକକ ଅଭିନିୟ, ସୃଜନଶୀଳ ଲିଖନ, ପ୍ରବନ୍ଧ, ତର୍କ, ବକ୍ତୃତା, ଏକକ ନୃତ୍ୟ, ବାଦ୍ୟଯନ୍ତ୍ର, ଦଳଗତ ନୃତ୍ୟ, ଜୀବନ କୌଶଳ ପ୍ରତିଯୋଗିତା ହୋଇଥିଲା । ଏହି କାଯ୍ୟକ୍ରମରେ ହରଡାଫୁଟ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କ୍ରାନ୍ତି ସିଂ ଅତିଥି ପରିଚୟ ପ୍ରଦାନ କରିଥିବା ସହ ବିଜୟ ରଥ, ଗୌରି ମାଝି, ଶଙ୍କର ପ୍ରହରାଜ ମଂଚ ପରିଚାଳନା କରିଥିଲେ । ସଂନ୍ଧ୍ୟା ରେ ସାଂସ୍କୃତିକ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଆବାସ ବିଲ ନେଇ ବିଡିଓଙ୍କୁ ଦାବି ପତ୍ର

କୋରେଇ: ଦୀର୍ଘ ୧ ବର୍ଷ ହେବ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ଆବାସ ଯୋଜନାରେ ଘର କରି ବିଲ ନାପଇବା ହତାଧିକାରୀ ମାନେ ଭୋଗୁଥିବା ଅସୁବିଧା ନେଇ କୋରାଇ ବିଡିଓଙ୍କ ଦାବି ପତ୍ର ପ୍ରଦାନ କରିଛନ୍ତି । କୋରାଇ ବ୍ଲକ ଅର୍ନ୍ତଗତ ଜହ୍ନା ପଂଚାୟତର ଅଧିବାସୀମାନେ ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀ ସୁନିଲ ସାହୁଙ୍କୁ ତାଙ୍କର ଦାବି ପତ୍ର ପ୍ରଦାନ କରିଛନ୍ତି । ବର୍ଷାଧିକ କାଳ ହେବା ହିତାଧିକାରୀ ମାନେ ଘର କରି ବିଲ ନପାଇବା ଓ ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆରଏସ (ଗ୍ରାମ ରୋଜଗାର ସେବକ) ନିୟମିତ କାର୍ଯ୍ୟାଳୟକୁ ଆସୁନଥିବାରୁ ସେମାନେ ଆବାସ ଅର୍ଥ ପାଇବାରୁ ବଂଚିତ ହେଉଛନ୍ତି । ବର୍ଷ ବର୍ଷ ଧରି ପଡିରହିଥିବା ବିଲକୁ ତୁରନ୍ତ ପ୍ରଦାନ ପାଇଁ ଦାବି କରିଛନ୍ତି ।

## ତିହିଡି ତହସିଲଦାରଙ୍କ ଅଜବ ଆଇନ୍ : ପଟ୍ଟା ହାସଲର ୧୯ ବର୍ଷ ପରେ ଉଚ୍ଛେଦ ନୋଟିସ୍

ଭଦ୍ରକ : ଆଇନ୍ କାନୁନ୍କୁ ତିଆରି କରୁଥିବା ମାଜିଷ୍ଟ୍ରେଟ୍ କେମିତି ସେହି ଆଇନ୍କୁ ଜଳଜଳ କରି ଫାଙ୍କି ଦେଇଛନ୍ତି, ତାହାର ନଗ୍ନ ନମୁନା ତିହିଡି ଅମରପୁର ଅଂଚଳରେ ଦେଖାଦେଇଛି। ୬୭ ବର୍ଷ ହେଲା ଘରକରି ରହିଥିବା ଏବଂ ୧୯ ବର୍ଷ ତଳେ ତହସିଲ ତରଫରୁ ପଟ୍ଟା ପାଇଥିବା ବ୍ୟକ୍ତିଙ୍କୁ ବାସହରା କରାଇଛନ୍ତି ତହସିଲଦାର। ଖାଲି ସେତିକି ନୁହେଁ ଓଡିଶା ହାଇକୋର୍ଟରେ ମୋକଦ୍ଦମା ଚାଲୁଥିବା ବେଳେ ତାକୁ ଖାତିର ନକରି ତରବରିଆ ଭାବେ ଲୋକଙ୍କୁ ବାସହରା କରାଇ ଦେଇଛନ୍ତି। ଯେଉଁଥିପାଇଁ ବାସହରା ନୋଟିସ୍ ପାଇଥିବା ପରିବାର ତହସିଲଦାରଙ୍କ ନାମରେ ହାଇକୋର୍ଟରେ ମୋକଦ୍ଦମା କରିବା ପାଇଁ ଅ । ଭିଡିଥିବାବେଳେ ତହସିଲ ଆଗରେ ପରିବାର ସହ ଆମରଣ ଅନଶନରେ ବସିବାକୁ ୭ ଦିନିଆ ନୋଟିସ୍ ଦେଇଛନ୍ତି। ଯାହାକି ତିହିଡି ତହସିଲଦାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ମିଳିଥିବା ତଥ୍ୟ ଅନୁଯାୟୀ ୧୯୫୧ ମସିହାରେ ରିଫ୍ୟୁଜି ଭାବେ ଓଡ଼ିଶାର ତିହିଡି ଅଂଚଳକୁ ଆସି ସଦରବଳିଆ ଓ ଅମରପୁର ଅଂଚଳରେ କିଛି ଲୋକ ରହିଥିଲେ। ୧୯୫୨ ମସିହାରେ ଭୁବନ ଦାସ ଓ ତାଙ୍କ ପୁତ୍ର ଦେବେନ୍ଦ୍ର ଦାସଙ୍କୁ ଆରଡିସି ରିଫ୍ୟୁଜି ଭାବେ ପ୍ରମାଣପତ୍ର ଦେବା ପରେ ଅମରପୁର ଠାରେ ଘରବାଡି ଓ ସଦରବଳିଆ ଠାରେ ଜଳଜମି ପାଇଲେ। ଦେବେନ୍ଦ୍ର ଦାସଙ୍କ ନାମରେ ଖତିଆନ ନମ୍ବର ୧୬୭ ଏବଂ ପ୍ଲଟ୍ ନଂ ୩୮୨/୪୯୪୬ ବଳରେ ୨୨ ଡିସିମିଲ୍ ଜାଗା ପ୍ରଦାନ କଲେ। ତେବେ ଏହି ଜାଗାକୁ ନିଜର କରିବା ପାଇଁ ୨୦୦୦ ମସିହାରେ ୪/୨୦୦୦ ଏକ ମିଶ୍ କେଶ୍ ବଳରେ ଦେବେନ୍ଦ୍ର ଦାସ ୨୨ ଡିସିମିଲ୍ ପଟ୍ଟା ପାଇଲେ। ଏହି ସ୍ଥାନରେ ମୋଟ ୩୦ ଡିସିମିଲ୍ ଜାଗା ଥିବାରୁ ଓ ସମୟ କ୍ରମେ ପଶ୍ଚିମବଙ୍ଗରେ ରିଫ୍ୟୁଜି ଖାତାରେ ଥିବା ଶ୍ୟାମଳୀ ଓ ମନୀନ୍ଦ୍ର ଦାସ ଅମରପୁରକୁ ଆସିବାରୁ ଦେବେନ୍ଦ୍ର ଦାସଙ୍କ ନିକଟରେ ରହିଥିଲେ। ତେବେ କିଛିଦିନ ପରେ ଏହି ୩୦ ଡିସିମିଲ୍ ଜାଗାକୁ ଅଧାଅଧା ଭାଗ କରିବାକୁ ଜିଦ୍ ଧରିବାରୁ ଶ୍ୟାମଳୀ ଦେବେନ୍ଦ୍ରଙ୍କ ପରିବାର ମଧ୍ୟରେ ୮ ରୁ ଅଧିକ ମାଲି ମୋକଦ୍ଦମା, ଜେଲ୍ ଓ ଘରପୋଡି ପର୍ଯ୍ୟନ୍ତ କଥା ଯାଇଛି। ମନୀନ୍ଦ୍ର ଓ ଶ୍ୟାମଳୀ ଉପଜିଲ୍ଲାପାଳଙ୍କ କୋର୍ଟରେ ଆଶ୍ରୟ ନେବାରୁ ତତ୍କାଳୀନ ଉପଜିଲ୍ଲାପାଳ ତତ୍କାଳୀନ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ପରେ ସେ ଉଭୟଙ୍କୁ ସେହି ସ୍ଥାନକୁ ଯିବାକୁ ମନା କରିଥିଲେ। ଏହା ବିରୋଧରେ ଦେବେନ୍ଦ୍ର ଦାସ କୋର୍ଟରେ ଶ୍ୟାମଳୀ ଓ ତହସିଲଦାରଙ୍କୁ ପକ୍ଷ କରି ମୋକଦ୍ଦମା କରିଥିଲେ। କେବଳ ଜିଲା କୋର୍ଟ ନୁହେଁ, ଓଡ଼ିଶା ହାଇକୋର୍ଟରେ ଡବ୍ଲ୍ୟୁପିସି କେଶ୍ ନଂ ୭୦୦୬/୨୦୧୮ ବଳରେ ମୋକଦ୍ଦମା ମଧ୍ୟ କଲେ। କୋର୍ଟରେ ଏହି ମୋକଦ୍ଦମା ଆଜିଯାଏ ଚାଲିଛି। ଅନ୍ୟପକ୍ଷରେ ଶ୍ୟାମଳୀ ଦାସ ସିଭିଲ୍ କୋର୍ଟ କରିବାରୁ କୋର୍ଟ ଏଥିରେ ଦେବେନ୍ଦ୍ରଙ୍କୁ ଡିଗ୍ରୀ ଦେଇ ଶ୍ୟାମଳୀଙ୍କୁ ଏହି ଜାଗାକୁ ଯିବାକୁ ମନାକଲେ। ଏହା ବିରୋଧରେ ପୁଣି ଶ୍ୟାମଳୀ ତହସିଲରେ ସାଲିସ କରିବାରୁ ପରିସ୍ଥିତି ବିଗିଡି ଯାଇଛି। ହାଇକୋର୍ଟରେ କେଶ୍ ଚାଲିଥିବା ବେଳେ ତାହାକୁ ଖାତିର ନକରି ପକ୍ଷଙ୍କୁ ନୋଟିସ୍ ନଦେଇ କୋର୍ଟ କାଗଜପତ୍ର ନଦେଖି ଏକତରଫା ଭାବେ ତହସିଲଦାର ଏମାନଙ୍କ ମିଶ୍କେଶ୍କୁ ଖାରଜ କରିଛନ୍ତି। ଖାଲି ଖାରଜ କରିନାହାଁନ୍ତି ତରବରିଆ ଭାବେ ୨୨ ଡିସିମିଲ୍ର ପଟ୍ଟା ଜମିକୁ ସରକାରୀ ଖାତାକୁ ନେଇଯିବା ପାଇଁ ଅର୍ଡର ଦେଇଛନ୍ତି। ଆଗରୁ ପୁରୁଣା ପଟ୍ଟାରେ ୩୮୨/୪୯୪୬ ଥିବାବେଳେ ଏବେ ନୂଆ ପଟ୍ଟାରେ ୩୮୨/୪୯୬ କରିଦିଆଯାଇଛି। ଯାହାକି କିଛି ନକ୍ସାରେ ମଧ୍ୟ ମେଳୁନାହିଁ। କୌତୁହଳର କଥା ପୁରୁଣା ପଟ୍ଟା ଅନଲାଇନ୍ରେ ମହଜୁଦ୍ ଥିବାବେଳେ ନୂଆ ପଟ୍ଟା ଓ ଆଦେଶ ଅନଲାଇନ୍ରେ ନାହିଁ। ପୁରୁଣା ପଟ୍ଟା କେଶ୍ ରେକର୍ଡକୁ ଗାଏବ କରି ନୂଆ କେଶ୍ ରେକର୍ଡ ପ୍ରସ୍ତୁତ ପାଇଁ ମସୁଧା ଚାଲିଛି। ଏହା ବିରୋଧରେ ଦେବେନ୍ଦ୍ର ଦାସଙ୍କ ପରିବାର ୧୧ ଜଣ ସଦସ୍ୟ ଧାରଣା ଓ ଅନଶନରେ ବସିବାକୁ ସଜବାଜ ହେଲେଣି। ଏ ସଂପର୍କରେ ତିହିଡି ତହସିଲଦାରଙ୍କ ମତାମତ ନେବାରୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା।

## ହିରୋ ମୋଟୋକର୍ପ ପକ୍ଷରୁ ସଡ଼କ ସୁରକ୍ଷା ଅନ୍ତର୍ଗତ ବିଶ୍ୱସ୍ତରୀୟ ଚିଲଡ୍ରେନ୍ ଟ୍ରାଫିକ୍ ଟ୍ରେନିଂ ପାର୍କ ହାଇଦ୍ରାବାଦ୍ର ରାଚାକୋଣ୍ଡାଠାରେ ଆରମ୍ଭ

ଭୁବନେଶ୍ୱର : ବିଶ୍ୱର ବୃହତ୍ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିଃ. ପକ୍ଷରୁ ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଶ୍ୱସ୍ତରୀୟ ଚିଲଡ୍ରେନ୍ ଟ୍ରାଫିକ୍ ଟ୍ରେନିଂ ପାର୍କ ହାଇଦ୍ରାବାଦ୍ର ରାଚାକୋଣ୍ଡାଠାରେ ଆରମ୍ଭ କରାଯିବା ସମ୍ପର୍କରେ ଘୋଷଣା କରାଯାଇଛି। ସ୍ଥାନୀୟ ପୋଲିସର ସହାୟତାରେ ଏହା କାର୍ଯ୍ୟ କରିବ। ଏହାକୁ ମିଶାଇ ହିରୋ ମୋଟୋକର୍ପର ଦେଶରେ ୯ଟି ଟ୍ରାଫିକ୍ ଟ୍ରେନିଂ ପାର୍କ ରହିଛି। ଏହାଦ୍ୱାରା ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ବାର୍ତା। ସମ୍ପ୍ରସାରଣ କରାଯାଉଛି।ଏହି ସ୍କୁଲର ଉଦ୍ଘାଟନ ତେଲେଙ୍ଗାନାର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆଇପିଏସ୍ ଜିତେନ୍ଦ୍ର କରିଛନ୍ତି। ଏହି ଅବସରରେ ରାଚାକୋଣ୍ଡା ପୋଲିସ କମିଶନର୍ ଆଇପିଏସ୍ ମହେଶ ଏମ୍. ଭାଗୱତ୍,ରାଚାକୋଣ୍ଡାର ଅତିରିକ୍ତ ସିପି-ଟ୍ରାଫିକ୍ ଜି. ସୁଧୀର ବାବୁ ଏବଂ ହିରୋ ମୋଟୋ କର୍ପ ସିଏସ୍ଆର୍




ପରାମର୍ଶଦାତା ରାଜେଶ ମୁଖାର୍ଜୀ ଉପସ୍ଥିତ ଥିଲେ।ଏହି ଅବସରରେ ହିରୋ ମୋଟୋକର୍ପ ଲିଃ.ର ସିଏସ୍ ଆର୍, ସିଆଇଓ ଏବଂ ସିଏଚ୍ଆର୍ଓ ମୁଖ୍ୟ ବିଜୟ ସେଠୀ କହିଲେ, ' ହିରୋ ମୋଟୋକର୍ପ ଶ୍ରେଷ୍ଠ ବିକ୍ରି ତଥା ବିକ୍ରି ପରବର୍ତୀ ସେବା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ। କମ୍ପାନୀ ସଡ଼କ ସୁରକ୍ଷା ପ୍ରତି ବେଶ୍ ସଚେତନ। ହାଇଦ୍ରାବାଦ୍ରେ ଏନେଇ ଚିଲଡ୍ରେନ୍ ଟ୍ରାଫିକ୍ ଟ୍ରେନିଂ ପାର୍କର ଆରମ୍ଭ କରାଯାଇଛି। ଫଳରେ ଛୋଟ ପିଲାଙ୍କ ମାଧ୍ୟମରେ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସମ୍ଭବ ହୋଇପାରିବ।ଏହା ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ପୂରଣ କରିବାକୁ ସକ୍ଷମ ହେବା ସହିତ ଗ୍ରାହକ ସନ୍ତୁଷ୍ଟି ଯୋଜନାକୁ ବୁଦ୍ଧିମନ୍ତ କରିପାରିବ। 'ଚିଲଡ୍ରେନ୍ ଟ୍ରାଫିକ୍ ଟ୍ରେନିଂ ପାର୍କ ଦ୍ୱାରା ଗାଡ଼ି ଚାଳନା ସମୟରେ ବହୁବିଧ ସୁରକ୍ଷା ତଥ୍ୟ ସମ୍ପର୍କରେ ଛୋଟ ପିଲାଙ୍କୁ ଅବଗତ କରାଯାଇପାରିବ। ପିକ୍ଟୃତ କ୍ଲବ୍ ସହାୟତାରେ ଚିଲଡ୍ରେନ୍ ଟ୍ରାଫିକ୍ ଟ୍ରେନିଂ ପାର୍କ ପକ୍ଷରୁଚ ନିୟମିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଆୟୋଜିତ କରାଯାଇଥାଏ।ୟସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅ'ର୍ଗତ ହିରୋ ମୋଟୋକର୍ପ ପକ୍ଷରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରାଯାଉଛି। ଚିଲଡ୍ରେନ୍ ଟ୍ରାଫିକ୍ ଟ୍ରେନିଂ ପାର୍କ ସ୍ଥାନୀୟ ପୋଲିସର ସହାୟତାରେ କାର୍ଯ୍ୟ କରିଥାଏ। ଇତି ମଧ୍ୟରେ ହିରୋ ମୋଟୋ କର୍ପ ପକ୍ଷରୁ ଗୁରୁଗ୍ରାମ୍, ଦିଲ୍ଲୀ, ରାଉରକେଲା, ଲକ୍ଷ୍ନୌ, ହାଇଦ୍ରାବାଦ୍, ନାସିକ୍, ନାଗପୁର ଏବଂ ବିସପୁରଠାରେ ଟ୍ରାଫିକ୍ ଟ୍ରେନିଂ ପାର୍କ ସ୍ଥାପନ କରାଯାଇଛି।ସଡ଼କ ସୁରକ୍ଷା ପାଇଁ ହିରୋ ମୋଟୋ କର୍ପ ପକ୍ଷରୁ ଭ୍ରାମ୍ୟମାଣ ସୁରକ୍ଷା ଭ୍ୟାନ୍ର ଆରମ୍ଭ କରାଯାଇଛି। ଏହା ଗୁରୁଗ୍ରାମ୍ରେ ଦୁର୍ଗମ ଅଂଚଳରେ ଥିବା ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ଅବଗତ କରାଉଛି।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray